# ୧୧୦ ବର୍ଷର ଶିକ୍ଷାନୁଷ୍ଠାନ ଆଜି ଅବହେଳିତ

**ରବିନାରାୟଣ ପାତ୍ର**
**ଜଳେଶ୍ୱର, ୧୮।୩**

ସଂସ୍କୃତ ଶିକ୍ଷାର ପ୍ରସାର ଲାଗି ପଶ୍ଚିମବଙ୍ଗ ସୀମାନ୍ତବର୍ତ୍ତୀ ବାଲେଶ୍ୱର ଜିଲା ଅଧୀନ ଜଳେଶ୍ୱର ବ୍ଲକର ଶାଳିକୋଠା ଗ୍ରାମରେ ୧୯୧୦ ମସିହାରୁ ପ୍ରତିଷ୍ଠା ହୋଇଥିବା ଶିକ୍ଷାନୁଷ୍ଠାନ ଆଜି ଅବହେଳିତ ଅବସ୍ଥାରେ ରହିଛି। ଉପାନ୍ତ ତଥା ଅନଗ୍ରସର ଇଲାକରେ ଥିବା ଏହି ଅନୁଷ୍ଠାନ ପରେ ମହାବିଦ୍ୟାଳୟରେ ପରିଣତ ହୋଇଥିଲେ ବି ଏହାର ଭିତ୍ତିଭୂମିର ବିକାଶ ହୋଇ ନାହିଁ କି ଆବଶ୍ୟକ ଶିକ୍ଷକ କର୍ମଚାରୀ ନିଯୁକ୍ତି ଦିଆଯାଉ ନାହିଁ। କ୍ରମାଗତ ଛାତ୍ର ଉପସ୍ଥାନ ହ୍ରାସ ଚିନ୍ତା ବଢାଇଛି। ବର୍ତ୍ତମାନ ୫ଟି ଶ୍ରେଣୀରେ ୮୦ରୁ କମ୍ ଛାତ୍ର ଥିବାରୁ ଏହାକୁ ବନ୍ଦ କରାଯିବା ଲାଗି ଯୋଜନା ଚାଲିଥିବା ଜଣାପଡିବା ପରେ ଏହା ଅଞ୍ଚଳବାସୀଙ୍କୁ ମର୍ମାହତ କରିଛି।

ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟ ତଥା ପ୍ରଜ୍ଞାପୀଠ ଭାବେ ପରିଚିତ ଏହି ଶିକ୍ଷାନୁଷ୍ଠାନରେ ପୂର୍ବରୁ ଆଚାର୍ଯ୍ୟ(ଏମ୍.ଏ.) ଶ୍ରେଣୀ ଯାଏ ଶିକ୍ଷାଦାନ କରାଯାଉଥିଲା। ସରକାର ଆଚାର୍ଯ୍ୟ ଶ୍ରେଣୀ ପ୍ରତ୍ୟାହାର କରି ନେବାପରେ ଅନୁଷ୍ଠାନରେ ପ୍ରଥମା (ଷଷ୍ଠ ଶ୍ରେଣୀ )ଠାରୁ ଶାସ୍ତ୍ରୀ(ଦଶମ ଶ୍ରେଣୀ) ପର୍ଯ୍ୟନ୍ତ ଏବଂ ଯୁକ୍ତ ୨ ଓ ଯୁକ୍ତ ୩ ଶ୍ରେଣୀରେ ପାଠ ପଢାଯାଉଛି। ପରେ ଏହା ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସ୍ୱୀକୃତି ଲାଭ କରଛି। ଏହା ସତ୍ତ୍ୱେ କ୍ରମାଗତ ଅବହେଳାର ଶିକାର ହୋଇ ଆସିଥିବାରୁ ଏହି ୧୧୦ ବର୍ଷର ପୁରାତନ ଶିକ୍ଷାନୁଷ୍ଠାନର ପୁନରୁଦ୍ଧାର କରି ହୃତ ଗୌରବ ଫେରାଇ ଆଣିବା ସକାଶେ ଅଞ୍ଚଳବାସୀଙ୍କ ପକ୍ଷରୁ ଶରତ ଚନ୍ଦ୍ର ପରିଡା, ଦେବୀ ପଣ୍ଡା, ଭୂପତି ଚରଣ ମହାନ୍ତି, ରବିନାରାୟଣ ରଥ, ଗଣେଶ ପରିଡା ପ୍ରମୁଖ ସରକାରଙ୍କୁ ନିବେଦନ କରିଛନ୍ତି।

ଉଲ୍ଲେଖନୀୟ ଯେ, ସ୍ଥାନୀୟ ଅଞ୍ଚଳର ବହୁ ସଂସ୍କୃତିପ୍ରେମୀ, ବିଦ୍ୱାନ୍ ତଥା ବଦାନ୍ୟ

- **ଶିକ୍ଷକ, କର୍ମଚାରୀ ଅଭାବ**
- **ଛାତ୍ରାଭାବ ଆଳରେ ଅନୁଷ୍ଠାନକୁ ବନ୍ଦ କରାଯିବା ଯୋଜନା**

ବ୍ୟକ୍ତିମାନେ ଏକାଠି ହୋଇ ୨୦୦୮ରେ ଏକ ବଟବୃକ୍ଷ ମୂଳେ ଶିକ୍ଷାନୁଷ୍ଠାନ ଆରମ୍ଭ କରିଥିଲେ। ଏହାର ପରିଚାଳନ ନିମନ୍ତେ ଘର ଘର ବୁଲି ମୁଷ୍ଟି ଭିକ୍ଷା ସଂଗ୍ରହ କରାଯାଉଥିଲା। ଅନେକ ବିଶିଷ୍ଟ ପଣ୍ଡିତ କର୍ମକାଣ୍ଡୀୟ ପଦ୍ଧତି, ବୈଦିକ ମନ୍ତ୍ର, ପୂଜା ପାଠ ଓ ଯଜ୍ଞାଦିକର୍ମ ସହିତ ଧର୍ମଶାସ୍ତ୍ର ସମ୍ବନ୍ଧରେ ଏଠାରେ ବ୍ରାହ୍ମଣ ପିଲାଙ୍କୁ ଶିକ୍ଷା ଦାନ କରୁଥିଲେ। ପରବର୍ତ୍ତୀ ସମୟରେ ତା୧୪।୨।୧୯୧୦ରିଖରୁ ବିଧିବଦ୍ଧଭାବେ ନିଜସ୍ୱ ସ୍ଥାନରେ ଏକ ନଡାଛପର ଘର କରାଯାଇ ପାଠପଢା ଆରମ୍ଭ ହୋଇଥିଲା।


ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟ।

୧୯୧୩ରେ ବିହାର-ଓଡିଶା-ବଙ୍ଗର ଶିକ୍ଷା ନିର୍ଦ୍ଦେଶକ ଜୁଆଲ୍ ହନ୍ ଏହି ବିଦ୍ୟାଳୟକୁ ସ୍ୱୀକୃତି ପ୍ରଦାନ କରିଥିଲେ। ସ୍ୱାଧୀନତା ପରେ ତତ୍କାଳୀନ ଶିକ୍ଷା ନିରୀକ୍ଷକଙ୍କ ସୁପାରିଶ କ୍ରମେ ବିଦ୍ୟାଳୟ ନିମନ୍ତେ ଆର୍ଥିକ ଅନୁଦାନ ବ୍ୟବସ୍ଥା କରାଯିବାରୁ ୧୯୭୧ରେ ଅନୁଷ୍ଠାନର ପକ୍କାଗୃହ ନିର୍ମାଣ କରାଯାଇଥିଲା। ୨୦୧୮ରେ ରାଜ୍ୟ ସରକାରଙ୍କ ଉନ୍ନୟନ ପାଣ୍ଠିରୁ ମିଳିଥିବା ସହାୟତା କ୍ରମେ ଅନୁଷ୍ଠାନର ଆଉ ୨ଟି ନୂତନ ଶ୍ରେଣୀ ଗୃହ ନିର୍ମିତ ହୋଇଥିଲା। ବିଭାଜନ ପରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଅଲଗା କାର୍ଯ୍ୟ କରୁଛି। ଅତୀତରେ ଏହି ବିଦ୍ୟାଳୟରୁ ପାଠ ପଢି ବହୁ ଛାତ୍ରୀଛାତ୍ର ରାଜ୍ୟ ତଥା ରାଜ୍ୟ ବହାରେ ବିଭିନ୍ନ ସ୍ଥାନରେ ନିଯୁକ୍ତି ପାଇ ଅନୁଷ୍ଠାନର ଗୌରବ ବୃଦ୍ଧି କରିଛନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତ ବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର.ଡ. ନୀଳକଣ୍ଠ ପତି, ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର.ଡ. ଅତୁଲଚନ୍ଦ୍ର ନନ୍ଦ ତଥା ସମ୍ପ୍ରତି ରେଭେନ୍ସା ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗମୁଖ୍ୟ ଡ. ଯୁଧିଷ୍ଠିର ସାହୁ ପ୍ରମୁଖ ଏଠି ଉପାଧ୍ୟାୟ ଭାବେ କାର୍ଯ୍ୟରତ ଥିଲେ। ସଂସ୍କୃତ ବିଦ୍ୟାଳୟରେ ଷଷ୍ଠରୁ ଦଶମ ମଧ୍ୟରେ ପାଠ ପଢାଇ ଅବସର ନେଉଥିବା ଶିକ୍ଷକ ଓ ପଣ୍ଡିତମାନଙ୍କ ସ୍ଥାନରେ ଆଉ କାହାକୁ ନିଯୁକ୍ତି ଦିଆଯାଉ ନ ଥିବାରୁ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ପଢାଇବାକୁ ଇଚ୍ଛା ପ୍ରକାଶ କରୁ ନାହାନ୍ତି। ଦେଶ ସ୍ୱାଧୀନ ହେବା ବହୁପୂର୍ବରୁ ଏହି ଅଞ୍ଚଳରେ କୌଣସି ଶିକ୍ଷା ବ୍ୟବସ୍ଥା ନ ଥିବାବେଳେ ସାଧାରଣ ଶିକ୍ଷା ସହିତ ସଂସ୍କୃତ ଶିକ୍ଷା ପ୍ରଦାନ କରିବାରେ ଏହି ବିଦ୍ୟାଳୟ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ଏହି ଐତିହ୍ୟ ସମ୍ପନ୍ନ ଶିକ୍ଷାନୁଷ୍ଠାନର ସୁରକ୍ଷା କରାଗଲେ ଏହା ଭବିଷ୍ୟତ ପିଢିଙ୍କ ପାଇଁ ପ୍ରେରଣାର ଉତ୍ସହୋଇ ରହିବ ବୋଲି ଡ. ଅଜିତ କୁମାର ମହାନ୍ତି, ଭୂପତି ଚରଣ ପରିଡାଙ୍କ ସମେତ ସ୍ଥାନୀୟ ବହୁ ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ମତ ବ୍ୟକ୍ତ କରିଛନ୍ତି।

## ଦୁର୍ନୀତିର ତଦନ୍ତ ନ ହେଲେ ଆନ୍ଦୋଳନ

**ଜଳେଶ୍ୱର,୧୮।୩(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକରେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଅନିୟମିତତା ହେଉଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ବରିଷ୍ଠ କଂଗ୍ରେସ ନେତା ସୁଦର୍ଶନ ଦାସଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ବିଡ଼ିଓ ଦୀପ୍ତିରଞ୍ଜନ ସେଠୀଙ୍କୁ ସୋମବାର ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନାରେ ବହୁ ଅଯୋଗ୍ୟ ବ୍ୟକ୍ତି ଘର ହାତେଇବା, ଏସ୍‌ସିସି ତାଲିକାର ବ୍ୟତିକ୍ରମ ହେବା, ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ହଇରାଣ କରାଯିବା ସହ ଭୂମିହୀନ ଲୋକଙ୍କୁ ଜମିପଟ୍ଟା ପ୍ରଦାନରେ ପାତରଅନ୍ତର କରାଯାଉଥିବା ଏଥିରେ ଦର୍ଶାଯାଇଛି। ସେହିପରି ଯୋଗ୍ୟ ବ୍ୟକ୍ତିଙ୍କୁ ଉପେକ୍ଷା କରାଯାଇ ଭତ୍ତା, ରାଶନ କାର୍ଡ ଦିଆଯିବା, ଜଳେଶ୍ୱରକୁ ବାହ୍ୟ ମଳମୁକ୍ତ ଘୋଷଣା ପ୍ରହସନରେ ପରିଣତ ହେବା ଅଭିଯୋଗ କରାଯାଇ ଏହାର ତଦନ୍ତ ଦାବି କରାଯାଇଛି। ଆସନ୍ତା ୩୧ ତାରିଖ ସୁଦ୍ଧା ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଏପ୍ରିଲରେ କଂଗ୍ରେସ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି କଂଗ୍ରେସ ଚେତାବନୀ ଦେଇଛି।

## ସଂକ୍ଷେପରେ

### ଇଞ୍ଜିନିୟରିଂ କଲେଜ ପରୀକ୍ଷା ବେଳେ ଉପଜିଲାପାଳଙ୍କ ଚଢ଼ାଉ

**ବାଲେଶ୍ୱର ଅଫିସ,୧୮।୩:** କରୋନା ସତର୍କତା ଲାଗି କଟକଣା ଜାରି ସତ୍ତ୍ୱେ ବାଲେଶ୍ୱର ଟାଉନ୍ ଥାନା ଅଧୀନ ଚୁନଭାଟି ଅଞ୍ଚଳର ଏକ ଇଞ୍ଜିନିୟରିଂ କଲେଜରେ ମଙ୍ଗଳବାର ଇଣ୍ଟରନାଲ ପରୀକ୍ଷା ହେଉଥିବା ଜାଣି ଉପଜିଲାପାଳ ନୀଲୁ ମହାପାତ୍ର ଅପରାହ୍ନ ୧ଟା ସମୟରେ ଚଢ଼ାଉ କରି ପରୀକ୍ଷା ବନ୍ଦ କରାଇଥିଲେ। କରୋନା ପାଇଁ ସମସ୍ତ ସ୍କୁଲ, କଲେଜର ପରୀକ୍ଷା ବନ୍ଦ କରିବା ପାଇଁ ରାଜ୍ୟସରକାର ନିର୍ଦ୍ଦେଶ ଦେଇଥିବାବେଳେ ଉକ୍ତ ଇଞ୍ଜିନିୟରିଂ କଲେଜର ପରୀକ୍ଷା କରାଉଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ଅଧକ୍ଷଙ୍କୁ ପଚାରିବାରୁ ସରକାରଙ୍କ ନିର୍ଦ୍ଦେଶ ମିଳିଥିଲେ ମଧ ବିପିୟୁଟିରୁ ପରୀକ୍ଷା ବନ୍ଦ ପାଇଁ କୌଣସି ସୂଚନା ମିଳି ନ ଥିବାରୁ ପରୀକ୍ଷା ଚାଲୁଥିଲା ବୋଲି କହିଛନ୍ତି।

### ପୂର୍ବତନ ଅଧକ୍ଷ ଗଣପତିଙ୍କ ପରଲୋକ

**ସୋର, ୧୮।୩(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଗଣପତି ଜେନାଙ୍କର ୮୦ ବର୍ଷ ବୟସରେ ମ୍ୟୁନିସିପାଲିଟି ଅନ୍ତର୍ଗତ ମୋବାରକପୁରସ୍ଥିତ ବାସଭବନରେ ବୁଧବାର ସକାଳେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ଗତ କିଛି ଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥାଇ ଚିକିତ୍ସାଧୀନ ଥିଲେ। ତାଙ୍କ ପରଲୋକ ଖବର ପାଇ ସୋର ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରି ପରିବାରବର୍ଗ ପ୍ରତି ସମବେଦନା ଜଣାଇଥିଲେ। ସେ ଦୀର୍ଘ ବର୍ଷ ଅଧାପନା କରିବା ସହ ନଳଗଜା ଓ ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟର ଅଧକ୍ଷ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ମରଶରୀରକୁ ସହର ପରିକ୍ରମା କରାଯିବା ପରେ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ସତ୍କାର କରାଯାଇଛି। ପୁଅ ସୁରଜିତ ମୁଖାଗ୍ନି ଦେଇଥିଲେ। ଏହି ଅବସରରେ ୟୁଏନ୍ କଲେଜ ପରିସରରେ ଅଧକ୍ଷ ଗଙ୍ଗାଧର ବାରିକଙ୍କ ପୌରୋହିତ୍ୟରେ ଏକ ଶୋକ ସଭା କରାଯାଇ ସ୍ୱର୍ଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି।

### ପାଣ୍ଡବଘାଟ ବାରୁଣୀ ଯାତ୍ରା ଉପରେ କଟକଣା

**ବାହାନଗା,୧୮।୩(ଡି.ଏନ.ଏ.):** କରୋନା ଭାଇରସ ସଂକ୍ରମଣ ରୋକିବା ଲାଗି ପ୍ରଶାସନ ପକ୍ଷରୁ ଯାନିଯାତ୍ରା ଓ ଜନ ସମାବେଶ ଉପରେ କଟକଣା ଜାରି କରାଯାଇଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୧ ତାରିଖରେ ବାଲେଶ୍ୱର ଜିଲା ବାହାନଗା ବ୍ଲକ ଆରୁହାବାଡ଼ ପଞ୍ଚାୟତ ରୂପଖଣ୍ଡ ଗାଁ ସଂଲଗ୍ନ ସମୁଦ୍ରକୂଳ ପାଣ୍ଡବ ଘାଟରେ ହେବାକୁ ଥିବା ବାରୁଣୀ ଯାତ୍ରା ଉପରେ ମଧ କଟକଣା ଜାରି କରାଯାଇଛି। ସୋର ଥାନା ପକ୍ଷରୁ ଆଡମ୍ବର ସହିତ ଯାତ୍ରା ନ କରିବାକୁ ପଞ୍ଚୁପାଣ୍ଡବ ବାରୁଣୀ ଯାତ୍ରା କମିଟିକୁ ବାରଣ କରାଯାଇଥିବା ବେଳେ ସ୍ଥାନୀୟ ତହସିଲଦାର ରାଜେନ୍ଦ୍ର କୁମାର କର ଅନୁରୂପ ଭାବେ ଯାତ୍ରା କମିଟି କାର୍ଯ୍ୟକର୍ତ୍ତାଙ୍କୁ ମଧ ପରାମର୍ଶ ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଏଥର ନିରାଡମ୍ବର ଭାବେ କେବଳ ତିଳତର୍ପଣ ଓ ଶ୍ରାଦ୍ଧ କାର୍ଯ୍ୟ କରାଯିବା ଲାଗି କମିଟି କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ଦୋକାନ ବଜାର ଯେଭଳି ନ ବସିବ ସେଥିପ୍ରତି ଦୃଷ୍ଟି ରଖାଯିବ ବୋଲି କମିଟି ସଭାପତି ଦେବେନ୍ଦ୍ର ତ୍ରିପାଠୀ ଏବଂ ସମ୍ପାଦକ କାଳେନ୍ଦ୍ରି ଚରଣ ମହାପାତ୍ର କହିଛନ୍ତି।

### ମୋବାଇଲ ଲୁଟେରା ଗିରଫ

**ରୂପ୍‌ସା,୧୮।୩(ଡି.ଏନ.ଏ.):** ବାଲେଶ୍ୱର ସଦର ଥାନା ହଳଦୀପଦା ଫାଣ୍ଡି ଅନ୍ତର୍ଗତ ଅମରା ଗ୍ରାମର ମୋବାଇଲ ଲୁଟ୍ ଅଭିଯୁକ୍ତ କମଳାକାନ୍ତ ନାୟକଙ୍କୁ ମଙ୍ଗଳବାର ରାତିରେ ପୋଲିସ ଗିରଫ କରିଛି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା (ନଂ. ୮୪/୨୦) ରୁଜୁ କରି ପୋଲିସ ଗିରଫ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ପଦାବଡ଼ଗାଁ ଗ୍ରାମର ଦେବଦତ୍ତ ନାୟକ ରାତିରେ ହଳଦୀପଦା ଷ୍ଟେଶନରେ ଟ୍ରେନ୍‌ରେ ଓହ୍ଲାଇ ଚାଲିଚାଲି ଘରକୁ ଯାଉଥିଲେ। ଅଭିଯୁକ୍ତ କମଳାକାନ୍ତ ବାଇକ୍‌ରେ ଆସି ପଦାବଡ଼ଗାଁ ଛକ ନିକଟରେ ତାଙ୍କ ଠାରୁ ମୋବାଇଲ ଲୁଟ୍ କରି ଚମ୍ପଟ ମାରିଥିଲେ। ଏନେଇ ହଳଦୀପଦା ଫାଣ୍ଡିରେ ଅଭିଯୋଗ ହେବା ପରେ ଫାଣ୍ଡି ଅଧିକାରୀ ବଦ୍ରିଶଙ୍କର ଷଣ୍ଢ ରାତିରେ ଚଢ଼ାଉ କରି ଅଭିଯୁକ୍ତ କମଳାକାନ୍ତଙ୍କୁ ଗିରଫ କରିଥିଲେ। ଗିରଫ ଅଭିଯୁକ୍ତଙ୍କଠାରୁ ବାଇକ୍ ସହ ଚୋରି ମୋବାଇଲ ଜବତ ହୋଇଛି।



କାଠସଙ୍ଗଡ଼ା ତ୍ରିବେଣୀ ଘାଟଠାରେ କଳାକାରଙ୍କ ଦ୍ୱାରା ନିର୍ମିତ 'ତ୍ରିଶ୍ୱରୀ' ଓ ବାଲୁକାକଳା।

## କଳାକାର ଦେଲେ ଲୋକଙ୍କୁ ବାର୍ତ୍ତା

**ବାଲେଶ୍ୱର ଅଫିସ,୧୮।୩:** ବାଲେଶ୍ୱର ଜିଲା ୧୬ ନଂ. ଜାତୀୟ ରାଜପଥ ନିକଟସ୍ଥ କାଠସଙ୍ଗଡ଼ା ନିକଟରେ ଗତ ଦୋଳ ପୂର୍ଣ୍ଣିମାରୁ ଆରମ୍ଭ ହୋଇଥିବା ପିତୃତର୍ପଣ ଓ ପିଣ୍ଡଦାନ ମହାଯଜ୍ଞ କାର୍ଯ୍ୟକ୍ରମର ଦଶମ ଦିନ ବୁଧବାର କଳାକାରମାନେ ଯୋଗଦେଇ କରୋନା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିଳ୍ପୀ କେଶୁ ଦାସଙ୍କ ନେତୃତ୍ୱରେ ଅରୁଣ ବାରିକ, ଗଦାଧର ମହାନ୍ତି, ପୂର୍ଣ୍ଣେନ୍ଦୁ ପତି, ଦେବାଶିଷ ପତି ପ୍ରମୁଖ ଯୋଗେଦଇ ବାଲୁକା କଳା ଓ ଇନଷ୍ଟାଲେସନ୍ କଳା କରି କୋରନା ଭାଇରସ୍‌କୁ ନ ଡ଼ରି ସତର୍କତା ଅବଲମ୍ବନ କରିବାକୁ ଦର୍ଶାଇଥିଲେ। ସ୍ଥାନୀୟ ଏକ ପୁରୁଣା ବରଗଛ ମୂଳରେ ପାରମ୍ପରିକ ଦ୍ରବ୍ୟକୁ ସ୍ଥାପନ କରି 'ତ୍ରିଶ୍ୱରୀ' ପ୍ରଦର୍ଶନ କରାଯାଇଥିଲା। ସେହିପରି ସ୍ଥାନୀୟ ଉପକରଣ ଓ ଦ୍ରବ୍ୟକୁ ସୁନ୍ଦର ଭାବେ ସଜାଇ କରୋନା ଭାଇରସ୍ ସମ୍ପର୍କରେ ସଚେତନତା ବାର୍ତ୍ତା ଦିଆଯାଇଥିଲା। ସେହିପରି ତ୍ରିବେଣୀର ବାଲିଚର ଉପରେ ଏକ ବାଲୁକାକଳା ପ୍ରଦର୍ଶନ କରାଯାଇଥିଲା। ତ୍ରିବେଣୀ ତୀର୍ଥ ଉନ୍ନୟନ ପରିଷଦର ସଭାପତି ପର୍ଶୁରାମ ପ୍ରଧାନ, ନବକୁମାର ଦାସ, ନିରଞ୍ଜନ ଗିରି, ଶଶିକାନ୍ତ ଗିରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାବାଜୀ ଦୟାନନ୍ଦ ଦାସଙ୍କ ପୌରୋହିତ୍ୱରେ ପିତୃତର୍ପଣ ଓ ପିଣ୍ଡଦାନ କାର୍ଯ୍ୟକ୍ରମ ଯଥାରୀତି କରାଯାଇଥିଲା।

## ବାଦାମ ବିହନ ଓ କିଟ୍ ବଣ୍ଟନରେ ଅନିୟମିତତା

**ବାଲିଆପାଳ/ଲଙ୍ଗଳେଶ୍ୱର,୧୮।୩ (ସ୍ୱ.ପ୍ର/ଡି.ଏନ.ଏ.):** ବାଦାମ ବିହନ ଓ କିଟ୍ ବଣ୍ଟନରେ ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତ ଅଞ୍ଚଳରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏଥିଲାଗି ପ୍ରକୃତ ଚାଷୀ ବିହନ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହାର ପ୍ରତିବାଦରେ ସୋମବାର ଉତ୍ତ୍ୟକ୍ତ ଚାଷୀମାନେ ସ୍ଥାନୀୟ କୃଷି ଅଧିକାରୀଙ୍କୁ ଘେରାଉ କରିଥିଲେ। ଅଭିଯୋଗକାରୀ ଚାଷୀ ଦର୍ଶାଇଥିଲେ ଯେ, ରବି ଚାଷ ପାଇଁ ସରକାରଙ୍କ କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ମାଗଣାରେ ବାଦାମ ବିହନ ଏବଂ ଇନପୁଟ କିଟ୍ ଯୋଗାଇ ଦିଆଯାଇଛି। କୃଷି ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ପ୍ରକୃତ ହିତାଧିକାରୀ ଚୟନ କରିବାକୁ ସ୍ଥିର ହୋଇଥିଲା। ସେଥିପାଇଁ ଦୁଇଜଣ ଅଧିକାରୀଙ୍କ ସୁପାରିଶ କ୍ରମେ ମଧୁପୁରା ପଞ୍ଚାୟତ ପାଇଁ ୧୨୦ଟି କିଟ୍ ଆସିଥିଲା। ପ୍ରତି କିଟ୍‌ରେ ୨୦କେଜି ବାଦାମ ବିହନ ଏବଂ ଇନପୁଟ ସାର ଓ ଔଷଧ ଥିଲା। ପ୍ରକୃତ ଚାଷୀଙ୍କୁ ଉପେକ୍ଷା କରି ଅଣଚାଷୀଙ୍କୁ ମାଗଣା ବିହନ ବଣ୍ଟନ ଯିବା ଘଟଣାର ତଦନ୍ତ କରାଯାଉ ବୋଲି ମଧୁପୁରା ଗ୍ରାମର ସୁଶାନ୍ତ ଗିରି, ରଞ୍ଜନ ସିଂ, ଗିରିଧାରୀ ଭୂୟାଁ, ମଧୁସୂଦନ ସାହୁ, ଜୟନ୍ତ ଗିରି ଅଦ୍ୱୈତ୍ୟ ବାଗ ପ୍ରମୁଖ ଦାବି କରିଥିଲେ। ସେହିଭଳି ଅସ୍ତି ପଞ୍ଚାୟତ ଓ ବେତଗଡ଼ିଆ ପଞ୍ଚାୟତ ରେ ଅନିୟମିତତା ହୋଇଥିବା ପଞ୍ଚାୟତବାସୀ ଅଭିଯୋଗ କରି ଏହାର ଭିଜିଲାନ୍ସ ତଦନ୍ତ ଦାବି କରଛନ୍ତି। ଏ ସମ୍ପର୍କରେ ପଞ୍ଚାୟତର କୃଷି ଅଧିକାରୀ ବନ୍ଦନା ସାହୁଙ୍କୁ ପଚାରିବାରୁ କହିଛନ୍ତି, ସ୍ୱଳ୍ପ କିଟ୍ ଆସିଥିବାରୁ ସମସ୍ତ ଚାଷୀଙ୍କୁ ଯୋଗାଇବା ସମ୍ଭବ ହୋଇ ନାହିଁ। ତେବେ ଆସିଥିବା କିଟ୍‌କୁ ନିୟମ ଅନୁଯାୟୀ ଚାଷୀଙ୍କୁ ବଣ୍ଟନ କରାଯାଇଛି।

## ଜନସହଯୋଗ ପ୍ରତି ଗୁରୁତ୍ୱ



ରୋଗୀ କଲ୍ୟାଣ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

**ଜଳେଶ୍ୱର,୧୮।୩(ସ୍ୱ.ପ୍ର.):** ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ରାଜ୍ୟର ପ୍ରବେଶ ଦ୍ୱାର ହୋଇଥିବାରୁ ପ୍ରତ୍ୟହ ରେଳ ଓ ବସ୍ ଯୋଗେ ଦୂର ସ୍ଥାନରେ ରହୁଥିବା ଅନେକ ଲୋକ ଜଳେଶ୍ୱରରେ ଓହ୍ଲାଇ ବିଭିନ୍ନ ଅଞ୍ଚଳକୁ ଯାତାୟାତ କରିଥାନ୍ତି। କରୋନା ସଂକ୍ରମଣ ଆଶଙ୍କାକୁ ଦୃଷ୍ଟିରେ ରଖି ଏ ଦିଗରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବା ସହ ଜନସହଯୋଗ ଲାଗି ଜଳେଶ୍ୱର ରୋଗୀ କଲ୍ୟାଣ ସମିତି ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି। ବିଦେଶରୁ ଫେରୁଥିବା ବ୍ୟକ୍ତିମାନେ ଅନ୍‌ଲାଇନ୍ ବା ୧୦୪କୁ ଫୋନ କରି ଅଥବା ହସ୍‌ପିଟାଲକୁ ଆସି ରୋଗ ସମ୍ପର୍କରେ ପରୀକ୍ଷାନିରୀକ୍ଷା କରାଇନେବା ସକାଶେ ବୁଧବାର ଏକ ଖବରଦାତା ସମ୍ମିଳନୀରେ ନିବେଦନ କରାଯାଇଛି। ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ଅଧକ୍ଷତାରେ ସମିତି ପକ୍ଷରୁ ବସିଥିବା ବୈଠକରେ ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ର, ଶିଶୁ ରୋଗ ବିଶେଷଜ୍ଞ ଡା. ସଞ୍ଜୟ କୁମାର ପଣ୍ଡା, ରୋଗୀ କଲ୍ୟାଣ ସମିତିର ସଦସ୍ୟ ଡ. ରମାକାନ୍ତ ଭଞ୍ଜ, ସମାଜସେବୀ ସୁରଜିତା ଘୋଷ, ଭୂପତି ଚରଣ ମିର୍ଦ୍ଧା, ପ୍ରତାପ କୁମାର ପ୍ରଧାନ, ମାନସ ଜେନା, ବିଜୟ କାମିଳା, ଦୀପୁ ସାମନ୍ତ, ସଞ୍ଜୀବ ପାଲ, ଆନନ୍ଦ କର, ଜନସ୍ୱାସ୍ଥ୍ୟ ବିଭାଗର କନିଷ୍ଠ ଯନ୍ତ୍ରୀ ଇଂ. ରତନ କୁମାର ମାଝି ପ୍ରମୁଖ ଉପସ୍ଥିତ ରହି ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସେହିପରି କୌଣସି ଅଞ୍ଚଳର ସନ୍ଦିଗ୍ଧ ରୋଗୀଙ୍କ ସମ୍ପର୍କରେ ତୁରନ୍ତ ପ୍ରଶାସନଙ୍କୁ ଜଣାଇବାକୁ କଲ୍ୟାଣ ସମିତି ପକ୍ଷରୁ କୁହାଯାଇଛି।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସଚେତନତା ଶିବିର

**ବାହାନଗା, ୧୮।୩ (ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କରୋନା ସଚେତନତା ଶିବିର ଅନୁଷ୍ଠିତ ହୋଇଛି । ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଧୀରେଶ କୁମାର ଷଡ଼ଙ୍ଗୀ ଏଥିରେ ପୌରୋହିତ୍ୱ କରିଥିଲେ। ବାହାନଗା ବ୍ଲକ ସମିତି ଅଧ୍ୟକ୍ଷା ସରସ୍ୱତୀ ମହାଳିକଙ୍କ ସହ ଡାକ୍ତର ମାନସ ପଣ୍ଡା, ବିପିଏଚଓ ମଧୁସୂଦନ ବିଶ୍ୱାଳ, ବିପିଏମ୍ ମଧୁସ୍ମିତା ବୈଶାଖ, ଆରକେଏସ ସଦସ୍ୟ ସୁଦର୍ଶନ ମହାପାତ୍ର, ନୀଳାମ୍ବର ମହାଳିକ, ସବିତା ଅଗସ୍ତି, ସୁଚିସ୍ମିତା ଜେନା, ଅନ୍ତର୍ଯାମୀ ପଣ୍ଡା, ସ୍ଥାନୀୟ ସରପଞ୍ଚ ଯୋଗେଶ ପତି ଯୋଗ ଦେଇ ସରକାରୀ ନିର୍ଦ୍ଦେଶାବଳୀ ପାଳନ ନେଇ ଆଲୋଚନା କରିଥିଲେ। ଲୋକମାନଙ୍କୁ କରୋନାଠାରୁ କିଭଳି ସୁରକ୍ଷା ଦିଆଯାଇ ପାରିବ ସେ ନେଇ ଉପସ୍ଥିତ ଆଶା, ଏଏନଏମ୍‌ମାନଙ୍କୁ ସଚେତନ କରାଯାଇଥିଲା। ଆଗାମୀ ଦିନରେ ବାହାନଗା ବିଡିଓ, ତହସିଲଦାର, ବ୍ଲକ ଶିକ୍ଷାଧିକାରିଣୀ, ସିଡିପିଓ ଓ ଡାକ୍ତରଙ୍କୁ ନେଇ ଏକ କମିଟି ଗଠନ କରାଯାଇ ପଞ୍ଚାୟତ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯିବାକୁ ସ୍ଥିର ହୋଇଥିଲା। ବିପିଏମ ମଧୁସ୍ମିତା ବୈଶାଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅପହୃତା ନାବାଳିକାଙ୍କ ପତ୍ତା ମିଳୁନି

**ସୋର, ୧୮।୩ (ଡି.ଏନ୍.ଏ.):** କେଉଁଝର ଜିଲା ନନ୍ଦିପଦା ଥାନା ଅନ୍ତର୍ଗତ ବଡ଼ରମ୍ପାସ ଗ୍ରାମର ଜଣେ ନାବାଳିକା ସୋର ମୋବାରକପୁର ଅଞ୍ଚଳର ମଉସାଙ୍କ ଘରକୁ ବୁଲି ଆସିଥିବା ବେଳେ ଗତ ଅକ୍ଟୋବରରେ ଜଣେ ଯୁବକ ତାଙ୍କୁ ଅପହରଣ କରି ନେଇଥିବା ଅଭିଯୋଗ ହୋଇଥିଲା। ସୋର ଥାନା ପୋଲିସ ଏ ନେଇ ଏକ ମାମଲା (ନଂ. ୪୮୯/୧୯) ରୁଜୁ କରି ବିଭିନ୍ନ ସ୍ଥାନରେ ତଲାସୀ କରିଥିଲେ ମଧ ଅପହୃତା ନାବାଳିକାଙ୍କୁ ଠାବ କରି ପାରି ନାହାନ୍ତି। ଏ ନେଇ ପରିବାର ବର୍ଗ ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ପ୍ରାଥମିକ ବିଦ୍ୟାଳୟ ଉଚ୍ଛେଦକୁ ଗ୍ରାମବାସୀଙ୍କ ବିରୋଧ

**ବାଲିଆପାଳ,୧୮।୩(ସ୍ୱ.ପ୍ର)**

ଯେଉଁସବୁ ପ୍ରାଥମିକ ବିଦ୍ୟାଳୟରେ ୪୦ରୁ କମ୍ ଛାତ୍ରୀଛାତ୍ରୀ ରହିଛନ୍ତି ସେଗୁଡ଼ିକୁ ଉଚ୍ଛେଦ କରି ଅନ୍ୟ ବିଦ୍ୟାଳୟ ସହିତ ମିଶାଇଦେବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ୨୦ରୁ କମ୍ ଛାତ୍ରସଂଖ୍ୟା ଥିବା ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଥିଲା। ମାତ୍ର ଚଳିତମାସ ଆସିଥିବା ନୂଆ ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହେଲେ ବାଲିଆପାଳ ବ୍ଲକର ୩୩ଟି ପ୍ରାଥମିକ ବିଦ୍ୟାଳୟ ବନ୍ଦ ହେବା ଆଶଙ୍କା ପ୍ରକାଶ ପାଇଛି। ଏହାକୁ ବାଲିଆପାଳ ବ୍ଲକର ବହୁ ଗ୍ରାମବାସୀ ବିରୋଧ କରିଛନ୍ତି। ଦରକାର ପଡ଼ିଲେ ସେମାନେ ଆନ୍ଦୋଳନ କରିବା ସହିତ ଆଇନ୍‌ର ଆଶ୍ରୟ ନେବେ ବୋଲି ଚେତାବନୀ ନେଇ ଏ ସମ୍ପର୍କରେ ପ୍ରସାଶନ ଏବଂ ଲୋକପ୍ରତିନିଧିଙ୍କୁ ଅବଗତ କରାଇଛନ୍ତି।

ରାଜ୍ୟ ଗଣଶିକ୍ଷା ବିଭାଗ ଶିକ୍ଷାବର୍ଷ ଆରମ୍ଭ ହେବା ଠିକ୍ ପୂର୍ବରୁ ଏହି ନୂତନ ନିର୍ଦ୍ଦେନାମା ଜାରି କରି ଜିଲଶ ଏବଂ ବ୍ଲକ ଶିକ୍ଷାଧିକାରୀଙ୍କୁ ଅବଗତ କରାଇଛନ୍ତି। ଏହି ନୂତନ ନିୟମ କଥା ଜଣାପଡ଼ିବା ପରେ ଏଠାକାର ମଇଁଷାମୁଣ୍ଡା ସମେତ ବିଭିନ୍ନ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଏବଂ ଅସନ୍ତୋଷ ପ୍ରକାଶ ଦେଇଛି। ସେମାନେ ଙ୍କ ଏହି ନିର୍ଦ୍ଦେଶକୁ ବିରୋଧ କରି ସେମାନଙ୍କ ପିଲାଙ୍କୁ ଅନ୍ୟ ଗ୍ରାମକୁ ପାଠ ପଢିବାକୁ ଛାଡ଼ିବେ ନାହିଁ ବୋଲି ରୋକ୍‌ଠୋକ୍ ପ୍ରକାଶ କରିଛନ୍ତି। ସରକାର ନିର୍ଦ୍ଦେଶର ପୁନଃ ବିଚାର ନ କଲେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିବା ସହିତ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ବଢ଼ିବ ବୋଲି ଶିକ୍ଷାବିତ୍‌ମାନେ ମତପ୍ରକାଶ କରିଛନ୍ତି।

## ହାତଧୋଇବା ଶିଖାଇଲେ, ମାସ୍କ ବାଣ୍ଟିଲେ


ସଚେତନତା ଶୋଭାଯାତ୍ରାରେ ବାହାରିଥିବା ଚଣ୍ଡୀ ଟ୍ରଷ୍ଟର ସଭ୍ୟ,ମହିଳା ଗୋଷ୍ଠୀର ସଭ୍ୟ ଓ ଗ୍ରମବାସୀ ମା ଚଣ୍ଡୀଙ୍କୁ ପ୍ରାର୍ଥନା କରୁଛନ୍ତି ।

**ଖଇରା୧୮।୩(ଡି.ଏନ.ଏ.)**

**ଚଣ୍ଡୀ ମନ୍ଦିର ଟ୍ରଷ୍ଟ ପକ୍ଷରୁ କରୋନା ସଚେତନତା**

ବାଲେଶ୍ୱର ଜିଲା ଖଇରା ବ୍ଲକର ଜଳଙ୍ଗ ଚଣ୍ଡି ମନ୍ଦିର ଟ୍ରଷ୍ଟ ଆନୁକୂଲ୍ୟରେ ବୁଧବାର କରୋନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ପୂଜା ଓ ଶୋଭାଯାତ୍ରା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ପୂଜକ ଉପେନ୍ଦ୍ର ତିଆଡି, ଉମାକାନ୍ତ ପଣ୍ଡା,ବେଣୁମାଧବ ତିଆଡି କରୋନା ସଂକ୍ରମଣରୁ ବିଶ୍ୱକୁ ରକ୍ଷା କରିବାଲାଗି ଠାକୁରାଣୀଙ୍କ ନିକଟରେ ଦୀପ ପ୍ରଜ୍ୱଳନ ସହ ପୂଜାର୍ଚ୍ଚନା କରିଥିଲେ । ଟ୍ରଷ୍ଟର ଅଧକ୍ଷ ପ୍ରଫୁଲ୍ଲ କୁମାର ଦାସଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଆଶାକର୍ମୀ, ସାବିତ୍ରୀବାଇ ଫୁଲେ ସ୍ୱୟଂସହାୟିକା ଗୋଷ୍ଠୀର କର୍ମକର୍ତ୍ତା, ପ୍ରତିଭା ମହାସଂଘର କର୍ମକର୍ତ୍ତା,କୃଷି କର୍ମଚାରୀମାନେ ହାତଧୋଇବା ପ୍ରକ୍ରିୟା ଗ୍ରାମବାସୀଙ୍କୁ ଶିଖାଇଥିଲେ । ହାତ ପୋଛିବା ଲାଗି ମଧ୍ୟ ରୁମାଲ ବଣ୍ଟନ କରାଯାଇଥିଲା । ଏହାପରେ ମା'ଙ୍କୁ ସମବେତ ପ୍ରାର୍ଥନା କରାଯାଇଥିଲା ।

ଅଧକ୍ଷ ଦାସ କରୋନା ଗୁଜବରେ ଭୟଭୀତ ନହୋଇ ନିଜେ ସଚେତନ ହେବା ଓ ଅନ୍ୟମାନଙ୍କୁ ସଚେତନ କରାଇବାକୁ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ । ପରେ ଟ୍ରଷ୍ଟ ସଭ୍ୟ ସୁଶାନ୍ତ ମହାପାତ୍ର, ଅକ୍ଷୟ କୁମାର ଦାସ, ନାରାୟଣ ଦାସ, ଅନନ୍ତ ପଣ୍ଡା, ବଣବିହାରି ରଣା, ଭଗବାନ ଦାସ, ଅନନ୍ତ ଦାସଙ୍କ ପ୍ରମୁଖ ସଭ୍ୟମାନେ ବାଇକରେ ଅଡା ବଜାର, ଡୁଙ୍ଗୁରା ବଜାର ଯାଇ ଲୋକଙ୍କୁ ମାସ୍କ ବାଣ୍ଟିବା ସହ ଗୋଟିଏ ଯାଗାରେ ଏକତ୍ରିତ ନ ହେବା,ଜ୍ୱର ଛିଙ୍କ କାଶ ହେଲେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତରଙ୍କ ପରାମର୍ଶ ନେବା, ବସ,ଟ୍ରେନରେ ଯାତାୟତ ବେଳେ ସତର୍କତା ଅବଲମ୍ବନ କରିବା, ସାମାଜିକ କାର୍ଯ୍ୟକ୍ରମରେ ୧ମିଟର ବ୍ୟବଧାନର ଦ୍ୱରତ୍ୱ ବଜାୟ ରଖିବା ଉପରେ ଲୋକଙ୍କୁ ବୁଝାଇଥିଲେ । ସାବିତ୍ରୀ ସଂଘର ସଭାପତି ଭାରତୀ ରାଉତ,ସିଆରପି ଗୌରୀ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

## ସଂକ୍ଷେପରେ

### ଯୁବତୀଙ୍କୁ ଦୁର୍ବ୍ୟବହାର: ଯୁବକ ଗିରଫ

**ବାସୁଦେବପୁର,୧୮।୩(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ସହର ହାଇସ୍କୁଲ ରୋଡ୍‌ରେ ଏକ ଦୋକାନରେ ଜଣେ ଯୁବତୀଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ସେକ୍ ଗଫୁରୁଦ୍ଦିନ ନାମକ ଯୁବକଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ବାସୁଦେବପୁର ଥାନାରେ ଏକ ମାମଲା(ନଂ. ୬୦/୨୦) ରୁଜୁ କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁସାରେ, ବାସୁଦେବପୁର ପୌରପାଳିକା ବେଲଆଡ଼ି ଗ୍ରାମର ଗଫୁରୁଦ୍ଦିନ ମଙ୍ଗଳବାର ସନ୍ଧ୍ୟାରେ ଯୁବତୀଙ୍କ ଦୋକାନରେ ପଶି ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଯୁବତୀ ଜଣଙ୍କ ଏହାକୁ ବିରୋଧ କରିବା ସହ ସଙ୍ଗେ ସଙ୍ଗେ ପରିବାର ଲୋକଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଏହାପରେ ସେ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ହନୁମାନ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ଭଣ୍ଡାରିପୋଖରୀ,୧୮।୩(ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ କୁରିଗାଁ ପଞ୍ଚାୟତ ସୁନି ଗ୍ରାମରେ ସଙ୍କଟମୋଚନ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ୩ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ରବିବାର ଶୁଭାଧିବାସ, ଅଙ୍କୁରାରୋପଣ, ଘଟସ୍ଥାପନ, ସୂର୍ଯ୍ୟପୂଜା, ହନୁମାନ ଚାଳିଶା ପାଠ ପରେ ଯଜ୍ଞ ଆରମ୍ଭ ହୋଇଥିଲା। ସୋମବାର ଗୁରୁପୂଜା, ଘଟମଣ୍ଡଳ ପୂଜା, ଶ୍ରୀଶ୍ରୀ ମହାବୀରଙ୍କ ପ୍ରାଣପ୍ରତିଷ୍ଠା, ଭଗବତ ଗୀତା, ଯଜ୍ଞ, ହନୁମାନ ଚାଳିଶା ପାଠ ହେବା ସହ ମଙ୍ଗଳବାର ଶୁକ୍ତପାଠ, ସପ୍ତସତୀ ଚଣ୍ଡୀଯଜ୍ଞ, ପୂର୍ଣ୍ଣାହୁତି ଓ ନାମସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ଦୟାନିଧି ରାଉତ ଦାୟିତ୍ୱ ତୁଲାଇଥିଲେ। ପୂଜକ ଅଗ୍ନିହୋତ୍ରୀ ଭୈରବାନନ୍ଦ ସରସ୍ୱତୀ ପୂଜା କାର୍ଯ୍ୟ ସହ ପୂର୍ଣ୍ଣାହୁତି ସମ୍ପନ୍ନ କରିଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଏପ୍ରିଲ ୨୫ରେ ଓକିଲ ସଂଘ ନିର୍ବାଚନ

**ଭଦ୍ରକ ଅଫିସ, ୧୮।୩:** ରାଜ୍ୟ ସରକାର ମହାମାରୀ କରୋନାକୁ ରାଜ୍ୟ ବିପତ୍ତି ଘୋଷଣା କରିବା ପରେ ଆଇନଜୀବୀ ପରିଷଦ ପକ୍ଷରୁ ଓଡ଼ିଶାର ସମସ୍ତ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନକୁ ବାତିଲ କରି ଦିଆଯାଇଛି। ଆସନ୍ତା ଏପ୍ରିଲ ୨୫ରେ ଏହି ନିର୍ବାଚନ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସୂଚନା ଥାଉକି, ଆସନ୍ତା ୨୮ରେ ସାରା ଓଡ଼ିଶାରେ ଏହି ନିର୍ବାଚନ କରାଯିବା ପାଇଁ ନିର୍ଦ୍ଦେଶ ରହିଥିଲା। କରୋନା କାରଣରୁ ଏପ୍ରିଲ ୨୫ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ଏହାବ୍ୟତୀତ ଭଦ୍ରକ ଓକିଲ ସଂଘ ଜରୁରୀ ଶୁଣାଣି ବ୍ୟତୀତ ସମସ୍ତ ଶୁଣାଣିକୁ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇ ସମସ୍ତ ବିଚାରପତିଙ୍କୁ ଅନୁରୋଧ କରିବା ପରେ କୋର୍ଟ କାର୍ଯ୍ୟ ବନ୍ଦ ହୋଇଯାଇଥିବା ସୂଚନା ମିଳିଛି।

### କ୍ଷତିଗ୍ରସ୍ତ ଚାଷୀଙ୍କୁ ମିଳିନି ଫସଲ ବୀମା ଟଙ୍କା

**ତିହିଡ଼ି,୧୮।୩(ସ୍ୱ.ପ୍ର.):** ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅନ୍ତର୍ଗତ ବାମନବିନ୍ଧା ସେବା ସମବାୟ ସମିତି ଅଧୀନ ବହୁ ଚାଷୀଙ୍କ ନାମରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ମଞ୍ଜୁର ଆସିଥିବା ୨୦୧୮ର ଅର୍ଥରାଶି ଏଯାଏ ସେମାନଙ୍କୁ ମିଳି ନ ଥିବା ଅଭିଯୋଗ ହୋଇଛି। ଏ ନେଇ ତଦନ୍ତ କରାଯିବାକୁ ଜିଲାପାଳଙ୍କ ନିକଟରେ ଦାବି କରିବା ସହ ବାମନବିନ୍ଧା ପଞ୍ଚାୟତର ପୂର୍ବତନ ସରପଞ୍ଚ, ସମିତିସଭ୍ୟ ପ୍ରଫୁଲ୍ଲ କୁମାର ପାଢ଼ୀଙ୍କ ସମେତ ବହୁ ଚାଷୀ ଡେପୁଟି ରେଜିଷ୍ଟ୍ରାର ସମବାୟ, କୃଷି ସଚିବ, ସମବାୟ ସଚିବ ଓ ୫-ଟି ସଚିବଙ୍କ ପାଖକୁ ଅଭିଯୋଗ ପଠାଇଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ୨୦୧୮ରେ ଏହି ସମିତିରୁ କୃଷି ଋଣ ନେଇ ଖରିଫ ଧାନ ଚାଷ କରିଥିବା ଚାଷୀମାନେ ପ୍ରାକୃତିକ ଦୁର୍ବିପାକଜନିତ କ୍ଷତିର ସମ୍ମୁଖୀନ ହୋଇଥିଲେ। ପରେ ସେମାନେ ପରିବାର ପ୍ରତିପୋଷଣ ପାଇଁ ଗାଁ ଛାଡ଼ି ଦାଦନ ଶ୍ରମିକ ଭାବେ କାମ କରିବାକୁ ରାଜ୍ୟ ବାହାରକୁ ଚାଲିଯାଇଥିଲେ। ପରବର୍ତ୍ତୀ ସମୟରେ କ୍ଷତିଗ୍ରସ୍ତ ଋଣୀ ଚାଷୀମାନଙ୍କ ନାମରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଟଙ୍କା ପତ୍ର ନମ୍ବର ୧୯୬୮/୯।୭।୨୦୧୯ରେ ସ୍ଥାନୀୟ ସମବାୟ ବ୍ୟାଙ୍କରେ ପହଞ୍ଚିଥିଲା। ଏହି ପତ୍ରରେ ୨୦୧୮ରେ ଖରିଫ ଋଣ ନେଇଥିବା କ୍ଷତିଗ୍ରସ୍ତ ଚାଷୀମାନଙ୍କ ଋଣଖାତାରେ ବୀମା ଅର୍ଥ ୧୫।୭।୨୦୧୯ ସୁଦ୍ଧା ଆଡ୍‌ଜଷ୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ଅନେକ କ୍ଷତିଗ୍ରସ୍ତ ଚାଷୀ ସେମାନଙ୍କ ବୀମା ଟଙ୍କା ପାଇପାରି ନାହାନ୍ତି। ତୁରନ୍ତ ତଦନ୍ତ କରାଯାଇ ସେମାନଙ୍କୁ ଅର୍ଥରାଶି ପ୍ରଦାନ କରାଯିବାକୁ ଚାଷୀ ମହଲରୁ ଦାବି ହୋଇଛି।

# ‘ଆତ୍ମବିଶ୍ୱାସ ଥିଲେ ସଫଳତା ମିଳେ’

**ଦୀପ୍ତିରଞ୍ଜନ ନାୟକ**
**ଆରଡ଼ି,୧୮।୩**

### ପରିବା ଚାଷ ଦେଲା ପରିଚୟ



ଚାଷ ବିଲରେ ଔଷଧ ସିଞ୍ଚନ କରୁଛନ୍ତି ରଞ୍ଜନ।

କଥାରେ ଅଛି ‘ଚାଷ ଅଛି ଯାହାର, କେତେ ସୁଖ ତାହାର’। ପିଲାଦିନୁ ପଢ଼ିଥିବା ଏହି ଉକ୍ତିକୁ ପ୍ରମାଣିତ କରିବାକୁ ସେ ସ୍ୱପ୍ନ ଦେଖିଥିଲେ। ବାଧବାଧକତାରେ ଯୁକ୍ତ ୨ ପର୍ଯ୍ୟନ୍ତ ଚାଲିଲା ପାଠପଢ଼ା। ଏହାପରଠାରୁ ଆଉ ପାଠରେ ତାଙ୍କର ମନ ଲାଗିଲାନି। ନିଜର ସ୍ୱପ୍ନକୁ ପୂରଣ କରିବା ପାଇଁ ସେ ପ୍ରଥମେ ତାଙ୍କ ବାପାଙ୍କ ଟାଙ୍ଗରା ଭୂଇଁକୁ ଶସ୍ୟଶ୍ୟାମଳା କରାଇବାକୁ ମନ ବଳାଇଥିଲେ। ଆଉ ୫ ବର୍ଷ ଭିତରେ ଜଣେ ସଫଳ ଚାଷୀ ଭାବେ ପରିଚୟ ସୃଷ୍ଟି କରିପାରିଛନ୍ତି। ଚାଷକୁ ଆଦରି ଅକ୍ଲାନ୍ତ ପରିଶ୍ରମ କରି ସଫଳତାର ସ୍ୱାଦ ଚାଖିଥିବା ଏହି ଚାଷୀ ହେଲେ ରଞ୍ଜନ ବିଶ୍ୱାଳ(୩୪)। ଘର ଭଦ୍ରକ ଜିଲା ଧାମନଗର ବ୍ଲକ ପାଳସାହି ପଞ୍ଚାୟତ ଅଧୀନ କୁଳସାହି ଗାଁରେ। ଏବେ ଶିକ୍ଷିତ ଯୁବକମାନେ ଚାଷ ପ୍ରତି ବିତସ୍ପୃହ ହେଉଥିବାବେଳେ ପରିବା ଚାଷ କରି ସ୍ୱାବଲମ୍ବୀ ହୋଇଥିବା ରଞ୍ଜନ ସେମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ପରିଶ୍ରମ, ନିଷ୍ଠା ଓ ଆତ୍ମବିଶ୍ୱାସ ବଳରେ ଯେ କେହି ସମାଜରେ ପ୍ରତିଷ୍ଠା ଅର୍ଜନ କରିପାରିବ ବୋଲି ରଞ୍ଜନ କହିଛନ୍ତି।

ମା’, ବାପା, ସ୍ତ୍ରୀ, ପୁଅ, ଝିଅ ଓ ୪ ଭାଇଙ୍କୁ ନେଇ ରଞ୍ଜନଙ୍କର ଯୌଥ ପରିବାର। ପରିବାରର ସମସ୍ତ ସଦସ୍ୟ ବର୍ତ୍ତମାନ ତାଙ୍କ ପ୍ରେରଣାର ଉତ୍ସ। ଏହାକୁ ପାଥେୟ କରି ସେ ଆଗକୁ ମାଡ଼ି ଚାଲିଛନ୍ତି। ଏବେ ସେ ଜଣେ ସଫଳ ପରିବା ଚାଷୀ। ପିତାଙ୍କ ୨ ଏକରରୁ ଅଧିକ ଜମିରେ ସେ ବର୍ଷରେ ୩ ଥର ପରିବା ଫଳାଉଛନ୍ତି। ବର୍ଷାଦିନେ ଭେଣ୍ଡି, ଜହ୍ନି, ଟମାଟୋ, କଖାରୁ, ସାରୁ, ଶୀତଦିନେ ଆଳୁ, ବାଇଗଣ, ଫୁଲକୋବି, ବନ୍ଧାକୋବି, ବିନ୍ସ, କଞ୍ଚାଲଙ୍କା, ପୋଟଳ ଏବଂ ଖରାଦିନେ ଝୁଡଙ୍ଗ, କାକୁଡି, ତରଭୁଜ, ପୋଇ, କଲରା ଆଦି ପରିବା ଚାଷ କରନ୍ତି। ଏହି ପରିବା ଚାଷ କରି ସେ କୋଠାଘର କରିପାରିଛନ୍ତି। ସାନଭାଇଙ୍କୁ ପାଠ ପଢ଼ାଇ ଚାଟାର୍ଡ ଆକାଉଣ୍ଟାଣ୍ଟ କରାଇବାରେ ସକ୍ଷମ ହୋଇଛନ୍ତି। ଏଥିସହିତ ବଡ଼ଭାଇଙ୍କ ପିଲାଙ୍କ ଉଚ୍ଚଶିକ୍ଷା ପାଇଁ ସେ ସହାୟତା କରିଛନ୍ତି। ସେ ଚାଷ କରୁଥିବା ପରିବା କିଣି ନେବା ପାଇଁ ବେପାରୀମାନେ ଆସି ତାଙ୍କ ଦୁଆରେ ପହଞ୍ଚି ଯାଆନ୍ତି। କିଏ ତାଙ୍କୁ ଭାଇ ଡାକନ୍ତି ତ ଆଉ କିଏ ବାବୁ। ଏମିତି ସମସ୍ତଙ୍କ ସହ ସମ୍ପର୍କର ବନ୍ଧନରେ ବାନ୍ଧି ହୋଇଛନ୍ତି ରଞ୍ଜନ। ବିନା ସରକାରୀ ପ୍ରୋତ୍ସାହନରେ ଏକ ମଫସଲ ଅଞ୍ଚଳରେ ରଞ୍ଜନ ପରିବା ଚାଷ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।

# ଉଠିଲା ୧୪୪ ଧାରା, କଟକଣା ବଳବତ୍ତର

**ଭଦ୍ରକ ଅଫିସ,୧୮।୩**

ଭଦ୍ରକ ଜିଲାରେ ଗୋଟିଏ ଦିନ ପାଇଁ ୧୪୪ ଧାରା ବଳବତ୍ତର ରହିବା ପରେ ବୁଧବାର ଏହାକୁ ହଟାଇ ଦିଆଯାଇଛି। ରାଜ୍ୟ ସରକାର ସାମାଜିକ ଦୂରତ୍ୱ ଆଳରେ ୧୪୪ ଧାରା ଲଗାଯାଇପାରିବ ନାହିଁ ବୋଲି ନିର୍ଦ୍ଦେଶ ଦେବା ପରେ ଜିଲାପାଳ ଡ. ଜ୍ଞାନରଞ୍ଜନ ଦାସ ଏହି ଧାରାକୁ ଉଠାଇ ଦେଇଛନ୍ତି। କିନ୍ତୁ ସମସ୍ତ କଟକଣା ବଳବତ୍ତର ରହିଥିବା ସେ କହିଛନ୍ତି। ସାମାଜିକ ଦୂରତ୍ୱ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ଅପରେଶନାଲ ଗାଇଡ୍‌ଲାଇନକୁ ଭିତ୍ତିକରି ଜିଲାପାଳ ଏହି ପଦକ୍ଷେପ ନେଇଛନ୍ତି। କୃଷି ଉତ୍ପାଦନ କମିଶନର ପ୍ରଦୀପ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଗଠନ ହୋଇଥିବା କମିଟି ୧୪୪ ଧାରା ଲଗାଯାଇପାରିବ ନାହିଁ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଜିଲା ମାଜିଷ୍ଟ୍ରେଟ କିମ୍ବା ପୋଲିସ କମିଶନର ଏହାକୁ ଲଗାଇପାରିବେ ନାହିଁ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ଜିଲାରେ କୌଣସି ସ୍ଥାନରେ ସଭା, ସମିତି କରାଯାଇପାରିବ ନାହିଁ। ଜିଲା ପ୍ରଶାସନ ପକ୍ଷରୁ ଲଗାଯାଇଥିବା ସମସ୍ତ କଟକଣା କାର୍ଯ୍ୟକାରୀ ହେବ ବୋଲି କୁହାଯାଇଛି।

# ବ୍ୟବସାୟୀଙ୍କୁ ସଚେତନ କଲେ ତହସିଲଦାର

**ବନ୍ତ,୧୮।୩(ସ୍ୱ.ପ୍ର.)**

ମହାମାରୀ କରୋନା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ସତର୍କତା ଜାରି କରାଯାଇଥିବାବେଳେ ଲୋକଙ୍କୁ ସଚେତନ କରାଇବାକୁ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ରହିଛି। ବନ୍ତ ତହସିଲଦାର ଇନ୍ଦିରା ସାହୁ ବୁଧବାର ଆଗରପଡ଼ା ବଜାରରେ ବ୍ୟବସାୟୀମାନଙ୍କୁ ସଚେତନ କରାଇଥିଲେ। ସେ ବଜାରର ବିଭିନ୍ନ ହୋଟେଲ ଓ ଫାଷ୍ଟଫୁଡ ଦୋକାନକୁ ଯାଇ ଆସୁଥିବା ଲୋକେ ହାତ ଧୋଇବା ପାଇଁ ଲିକ୍ୟୁଇଡ୍ ରଖିବା ଓ ଖାଇବା ପ୍ଲେଟଗୁଡ଼ିକ ଭଲ ଭାବେ ଧୋଇବାକୁ ପରାମର୍ଶ ଦେଇଥିଲେ। ତହସିଲଦାରଙ୍କ ସହିତ ଆଗରପଡ଼ା ରାଜସ୍ୱ ନିରୀକ୍ଷକ ରବୀନ୍ଦ୍ର ଜେନା ଉପସ୍ଥିତ ଥିଲେ। ତହସିଲଦାର ଜଣେ ବ୍ୟବସାୟୀଙ୍କୁ ପରାମର୍ଶ ଦେଉଛନ୍ତି।

# ସାପ୍ତାହିକ ହାଟରେ କଟକଣା



କଟକଣା ପରେ ମାଛ ମାର୍କେଟରେ କମ୍‌ସଂଖ୍ୟକ ବ୍ୟବସାୟୀ।

**ବନ୍ତ,୧୮।୩(ଡି.ଏନ.ଏ.)**

### ଲୁଣିମାଛ, ହାଣ୍ଡିଆ, ଜୋତା ବିକ୍ରି ବନ୍ଦ

ଭଦ୍ରକ ଜିଲା ବନ୍ତ ତହସିଲ ପ୍ରଶାସନ ଓ ପୋଲିସ ପକ୍ଷରୁ ବୁଧବାର ସାପ୍ତାହିକ ହାଟ ଉପରେ କରୋନା କଟକଣା ଲାଗୁ କରାଯାଇଛି। ସକାଳେ ତହସିଲଦାର ଇନ୍ଦିରା ସାହୁ ଓ ପୋଲିସ କର୍ମଚାରୀମାନେ ହାଟରେ ପହଞ୍ଚି ଲୁଣିମାଛ, ହାଣ୍ଡିଆ ଓ ଜୋତା ବିକ୍ରିକୁ ବନ୍ଦ କରିଥିଲେ। କେବଳ ପନିପରିବା, ତେଜରାତି ସମେତ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି କରାଯାଇପାରିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ପ୍ରତ୍ୟେକ ବ୍ୟବସାୟୀ ମାସ୍କ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିଲା। କରୋନା ଭୟରେ ହାଟରେ ଲୋକଙ୍କ ଭିଡ଼ କମ୍ ଥିବା ପରିଲକ୍ଷିତ ହୋଇଥିଲା।

# ବିଦେଶ ଫେରନ୍ତାଙ୍କ ଉପରେ ପୋଲିସର ନଜର

**ବନ୍ତ,୧୮।୩(ଡି.ଏନ.ଏ.)**

ସାରା ବିଶ୍ୱରେ ଏବେ ଆତଙ୍କ ଖେଳାଇଛି କରୋନା ଭାଇରସ୍। ଓଡ଼ିଶାରେ ଏହାର ପ୍ରଭାବ ପଡ଼ିଥିବାବେଳେ ପ୍ରତିରୋଧ କରିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ନିଆଯିବା ସହ ବିଭିନ୍ନ କଟକଣା ଜାରି କରାଯାଇଛି। ପଞ୍ଚାୟତ ସ୍ତରରେ ମଧ୍ୟ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ତେବେ ବନ୍ତ ଥାନା ପୋଲିସ ପକ୍ଷରୁ ବିଦେଶ ଫେରନ୍ତାଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଗତ କିଛିଦିନ ହେଲା ପୋଲିସ ଅଧିକାରୀ ଓ କର୍ମଚାରୀମାନେ ବିଭିନ୍ନ ଗ୍ରାମକୁ ଯାଇ ବିଦେଶରୁ ଫେରିଥିବା ବ୍ୟକ୍ତିଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ସହିତ ସେମାନଙ୍କୁ ତୁରନ୍ତ ଡାକ୍ତରଖାନା ଯିବାକୁ ପରାମର୍ଶ ଦେଉଛନ୍ତି।

# ଜନପ୍ରତିନିଧିଙ୍କୁ କରୋନା ସଚେତନତା

**ବନ୍ତ,୧୮।୩(ଡି.ଏନ.ଏ.)**



ସଚେତନତା ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ କର୍ମଚାରୀମାନେ।

ବନ୍ତ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବୁଧବାର କରୋନା ସମ୍ପର୍କିତ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୫ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ବ୍ଲକ କର୍ମଚାରୀମାନେ ବୈଠକରେ ଯୋଗ ଦେଇଥିଲେ। ବ୍ଲକ ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ଜେନା, ଗ୍ରାମପଞ୍ଚାୟତ ଅଧିକାରୀ ନିଶିକାନ୍ତ ଖୁଣ୍ଟିଆ, ଜିଲା ପରିଷଦ ସଭ୍ୟ ପ୍ରଶାନ୍ତ ଦାଶ, ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୀପକ କୁମାର ଜେନା, ସିଡିପିଓ ରେଣୁବାଳା ଦାଶ ଓ ଚନ୍ଦ୍ରକାନ୍ତି ରଣା ଯୋଗଦେଇ କରୋନା ସମ୍ପର୍କରେ ଲୋକଙ୍କୁ କିପରି ସଚେତନ କରାଯାଇପାରିବ ସେ ନେଇ ଆଲୋଚନା କରିଥିଲେ। ବିଶେଷକରି ସାନିଟାଇଜର, ମାସ୍କ ଓ ହ୍ୟାଣ୍ଡୱାଶ ବ୍ୟବହାର ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ହାତକୁ ବାରମ୍ବାର ଧୋଇବା ସହ ଯେଉଁମାନଙ୍କୁ ଥଣ୍ଡା, ଜ୍ୱର, କାଶ ହେଉଛି ସେମାନେ ମାସ୍କ ବ୍ୟବହାର କରିବା ଏବଂ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ପରୀକ୍ଷା କରାଇବାକୁ ପରାମର୍ଶ ଦିଆଯାଇଥିଲା। ବିଦେଶ ଫେରନ୍ତାମାନଙ୍କ ସମ୍ପର୍କରେ ଜନପ୍ରତିନିଧିମାନେ ତୁରନ୍ତ ପ୍ରଶାସନକୁ ଖବର ଦେବାକୁ କୁହାଯାଇଥିଲା। ଏଥିସହ ସମ୍ପୃକ୍ତ ବିଦେଶ ଫେରନ୍ତା ଡାକ୍ତରଖାନା ଯାଇ ରକ୍ତ ପରୀକ୍ଷା କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଭିନ୍ନ ଡାକ୍ତରଖାନାରେ ହାଣ୍ଡୱାଶ ଓ ସାନିଟାଇଜର ବ୍ୟବସ୍ଥା କରାଯିବ ବୋଲି ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ କହିଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀଙ୍କୁ ତାଲିମ

**ଭଣ୍ଡାରିପୋଖରୀ, ୧୮।୩(ଡି.ଏନ.ଏ.)**



ତାଲିମ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଓ କର୍ମଚାରୀ।

ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହଠାରେ ବୁଧବାର ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ମେଡିକାଲ ଅଫିସର କମଳାକାନ୍ତ ସ୍ୱାଇଁ ଉପସ୍ଥିତ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ଆନ୍ତଃରାଜ୍ୟ ଓ ବାହାର ଦେଶରୁ ଆସୁଥିବା ଲୋକଙ୍କୁ ଥଣ୍ଡା ଜ୍ୱର ହେଲେ ତୁରନ୍ତ ଡାକ୍ତରଖାନା ଆଣି ଚିକିତ୍ସା କରାଇବା ପାଇଁ ପରାମର୍ଶ ଦେଇଥିଲେ। ଗୁରୁବାରଠାରୁ ପ୍ରତ୍ୟେକ ପଞ୍ଚାୟତ ଓ ଗ୍ରାମରେ ପୋଷ୍ଟର, ବ୍ୟାନର, ଲିଫ୍‌ଲେଟ ବାଣ୍ଟିବା ବ୍ୟବସ୍ଥା କରାଯିବ। ସୂଚନା ଥାଉକି, ବ୍ଲକର ବିଭିନ୍ନ ଗ୍ରାମରେ ୩ ଜଣ ବ୍ୟକ୍ତି ବାହାରେ ରହୁଥିଲେ। ନିକଟରେ ଗାଁକୁ ଫେରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସେମାନଙ୍କୁ ଅବ୍‌ଜରଭେଶନରେ ରଖି ପ୍ରତ୍ୟେକ ଦିନ କାଉନସେଲିଂ କରାଯାଉଥିବା କୁହାଯାଇଥିଲା। ଗୋଷ୍ଠୀ ସମ୍ପ୍ରସାରଣ ଅଧିକାରୀ ଅନିତାରାଣୀ ରାଉତ, ବିପିଏମ୍ ରଶ୍ମିରେଖା ପୃଷ୍ଟି, ସୁପରଭାଇଜର ମନୋରଞ୍ଜନ ରାଉତ, ବାଦଲ ମହାପାତ୍ର, ଅମରଜିତ୍ ରାୟ, ମିନତି ଦାସ, ନବଘନ ଦାସ ଓ ପ୍ରୀତିକଳା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ପଥପ୍ରାନ୍ତ ସଭା, ମାସ୍କ ବଣ୍ଟନ

**ତିହିଡ଼ି,୧୮।୩(ସ୍ୱ.ପ୍ର.)**

ତିହିଡ଼ି ବ୍ଲକ ସୟା ପଞ୍ଚାୟତ ତଳବନ୍ଧ ଗ୍ରାମରେ ତିହିଡ଼ି ଯୁବମଞ୍ଚ ପକ୍ଷରୁ ପଥପ୍ରାନ୍ତ ସଭା କରାଯାଇ ଲୋକଙ୍କୁ କରୋନା ସମ୍ପର୍କରେ ସଚେତନତା କରାଯାଇଛି। ସାବୁନରେ ନିୟମିତ ହାତ ଧୋଇବା, ପରିବେଶ ସ୍ୱଚ୍ଛ ରଖିବା, ପରିଷ୍କାର ପାଣି ପିଇବା ଓ ପଡ଼ୋଶୀଙ୍କୁ ଏ ସମ୍ପର୍କରେ ସଚେତନ କରାଇବାକୁ କୁହାଯାଇଥିଲା। ଉପସ୍ଥିତ ଲୋକଙ୍କୁ ମାସ୍କ ବଣ୍ଟନ କରାଯାଇଥିଲା। ସଙ୍ଗଠନ ସଭାପତି କୈଳାସ ବେହେରା, ସମ୍ପାଦକ ଅନିଲ ନାୟକ, ସୋସିଆଲ ମିଡିଆ ସଂଯୋଜକ ନିରଞ୍ଜନ ବାରିକ, ସାଂସ୍କୃତିକ ସଂଯୋଜକ ନୀଳମାଧବ ସେନାପତି, ସଦସ୍ୟ ସତ୍ୟବାଦୀ କୁଣ୍ଡ ଓ କୈଳାସ ହୋତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କରୋନା ମୁକାବିଲା ଲାଗି ସଜାଗ

**ଭଦ୍ରକ ଅଫିସ, ୧୮।୩**

ଆଦାନୀ ଧାମରା ବନ୍ଦର ପକ୍ଷରୁ କରୋନା ମୁକାବିଲା ପାଇଁ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ମାଧ୍ୟମରେ କରୋନା ଭାଇରସ୍‌କୁ ମୁକାବିଲା କ୍ଷେତ୍ରରେ ପ୍ରସ୍ତୁତି ଲାଗି ବନ୍ଦରକୁ ଗତ ଜାନୁୟାରୀ ୨୮ରେ କେନ୍ଦ୍ର ଜାହାଜ ଚଳାଚଳ ବିଭାଗ ପକ୍ଷରୁ ନିର୍ଦ୍ଦେଶାବଳୀ ପଠାଯାଇଥିଲା। କରୋନା ସଂକ୍ରମଣକୁ ରୋକିବା ପାଇଁ ବନ୍ଦର ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। କରୋନା ବିଜ୍ଞପ୍ତି ଉପରେ ସମସ୍ତ ପଞ୍ଜୀକୃତ ସିପିଂ ଏଜେଣ୍ଟମାନଙ୍କୁ ନୋଟିସ୍ ଜାରି କରାଯାଇଛି। ସମସ୍ତ ଜାହାଜର ନାବିକଙ୍କୁ କରୋନାର ଲକ୍ଷଣ, ବିକାଶ ଉପରେ ନଜର ରଖିବା ଏବଂ ସାମୁଦ୍ରିକ ଘୋଷଣାନାମା ମାଧ୍ୟମରେ ବନ୍ଦର କଣ୍ଟ୍ରୋଲ ରୁମ୍‌କୁ ଜଣାଇବାକୁ ପରାମର୍ଶ ଦିଆଯାଇଛି। ଜାହାଜ ସହିତ ଯୋଗାଯୋଗ କରୁଥିବା କ୍ୟାପଟେନମାନଙ୍କୁ ନିଜ ନିଜ ମଧ୍ୟରେ ସଂକ୍ରମଣ ଏଡ଼ାଇବା ପାଇଁ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯିବା ସହ ଏନ୍-୯୫ ମାସ୍କ, ଡିସ୍‌ପୋଜେବଲ୍ ହ୍ୟାଣ୍ଡ ଗ୍ଲୋଭସ୍ ଏବଂ ସାନିଟାଇଜର ଆଦି ଯୋଗାଇ ଦିଆଯାଇଛି। ପୋର୍ଟର ସମସ୍ତ କର୍ମଚାରୀଙ୍କୁ ନିୟମିତ ଭାବେ ସଚେତନ କରାଯାଉଛି। ବର୍ତ୍ତମାନ ସୁଦ୍ଧା ଡାକ୍ତରମାନେ ୪୧ଟି ଜାହାଜର ୮୭୧ ନାବିକଙ୍କୁ ପରୀକ୍ଷା କରିଛନ୍ତି। ଏହାଛଡ଼ା ବନ୍ଦର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ସଚେତନ କରାଯାଉଥିବା କୁହାଯାଇଛି।

# ‘କରୋନା’ ପାଇଁ କୋର୍ଟ କାର୍ଯ୍ୟରେ ଯୋଗଦେବେନି ଆଇନଜୀବୀ

**ବଡବିଲ, ୧୮।୩ (ସ୍ୱ.ପ୍ର.)**

କୋଭିଡ-୧୯କୁ ନେଇ ବିଶ୍ୱବ୍ୟାପୀ ଆତଙ୍କ ଖେଳିଯାଇଥିବାବେଳେ କେନ୍ଦ୍ର ଓ ରାଜ୍ୟ ସରକାର ଏହାକୁ ମହାମାରୀର ଆଖ୍ୟା ଦେଇଛନ୍ତି। ରାଜ୍ୟରେ ସ୍କୁଲ, କଲେଜ, ସପିଂ ମଲ, ସ୍ୱିମିଂ ପୁଲ, ଜିମ ଆଦିକୁ ବନ୍ଦ କରିବାକୁ ନିର୍ଦ୍ଦେଶନାମା ଜାରି ହୋଇଥିବାବେଳେ କେନ୍ଦୁଝର ଜିଲାରେ ମଧ୍ୟ ଜିଲାପାଳ ୧୪୪ ଧାରା ଲାଗୁ କରିଛନ୍ତି। ସରକାରୀ କାର୍ଯ୍ୟାଳୟ ଯଥା ତହସିଲ, କୋର୍ଟ, ଆରଟିଓ, ବିଭିନ୍ନ ବ୍ୟାଙ୍କ ଓ ବେସରକାରୀ କାର୍ଯ୍ୟାଳୟରେ ଲୋକ ସମାଗମ ହେଉଥିଲେହେଁ ସେଗୁଡିକ ଉପରେ ରୋକ ଲଗାଯାଇନାହିଁ। ଏହାକୁ ଏଡାଇବା ସମ୍ଭବପର ମଧ୍ୟ ହୋଇପାରି ନାହିଁ। ଫଳରେ ବଡବିଲ କୋର୍ଟକୁ ବିଭିନ୍ନ କାର୍ଯ୍ୟରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ଜନସାଧାରଣଙ୍କ ସଂସ୍ପର୍ଶରେ ଆସି କରୋନା ବ୍ୟାପିବାର ସମ୍ଭାବନାକୁ ଏଡାଇବା ନିମନ୍ତେ ବଡବିଲ ଆଇନଜୀବୀ ମହାସଂଘ ଏକ ସଂତନ୍ତ୍ର ବୈଠକ କରିଛି। ଅତି ଜରୁରୀକାଳୀନ କାର୍ଯ୍ୟକୁ ବାଦ୍ ଦେଇ ଅନ୍ୟାନ୍ୟ କୋର୍ଟ କାର୍ଯ୍ୟରେ ଯୋଗ ନ ଦେବାକୁ ଆଇନଜୀବୀମାନେ ନିଷ୍ପତ୍ତି ନେଇଥିବା ଜଣାପଡିଛି। ଏ ନେଇ ଆଇନଜୀବୀ ପତ୍ରାଳାପ କରାଯିବ ବୋଲି ମହାସଂଘ ସମ୍ପାଦକ ରଞ୍ଜିତ ବାରିକ କହିଛନ୍ତି। ବଡବିଲ ପୌରାଞ୍ଚଳର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ନିଳାଦ୍ରୀ ତରଫରୁ ବୁଧବାର ଅପରାହ୍ନରେ ଲେଭଲ କ୍ରସିଂ, ମଧୁସୂଦନ ଛକ, ହାଟ ପଡିଆ ଓ ବିଭିନ୍ନ ଜନଗହଳି ସ୍ଥାନରେ ସଚେତନତା କରାଯାଇ ଆତଙ୍କିତ ନ ହେବାକୁ ପରାମର୍ଶ ଦିଆଯାଇଥିଲା। ଦୂରଦୂରାନ୍ତ ଗ୍ରାମାଞ୍ଚଳରୁ ଆସୁଥିବା ଚାଷୀ ଓ ପରିବା ବିକାଳିଙ୍କୁ ଅନୁଷ୍ଠାନ ପକ୍ଷରୁ ନୋଜ ମାସ୍କ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନ ମୁଖ୍ୟ ଟ୍ରଷ୍ଟି ରାଜ କିଶୋର ଦାଶ, ଟ୍ରଷ୍ଟି ପ୍ରମୋଦାନନ୍ଦ କର, ସଭାପତି ଶାନ୍ତନୁ ଦାଶ, ତରଣୀସେନ ମହାପାତ୍ର, କପିଳ ମହାନ୍ତି, କବୀନ୍ଦ୍ର ରଥ, ଚିତ୍ତରଞ୍ଜନ କର ଓ କିଶୋର ସାହୁପ୍ରମୁଖ ଉପସ୍ଥିତ ରହିଥିଲେ।

# ଦୋହରୀକରଣ କାର୍ଯ୍ୟର ସମୀକ୍ଷା କଲେ ଶାସନ ସଚିବ

**ଭଦ୍ରକ ଅଫିସ,୧୮।୩**




ବୈଠକରେ ଶାସନ ସଚିବ ଡ. କ୍ରିଷନ କୁମାର, ଜିଲାପାଳ ଜ୍ଞାନରଞ୍ଜନ ଦାସ ଓ ଅନ୍ୟ ଅଧିକାରୀମାନେ।

### ଜାମୁଝାଡ଼ି-ବାସୁଦେବପୁର-ଧାମରା ରାସ୍ତା

ଭଦ୍ରକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜାମୁଝାଡ଼ି- ବାସୁଦେବପୁର- ଧାମରା ରାସ୍ତା ଦୋହରୀକରଣ କାର୍ଯ୍ୟର ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ପୂର୍ତ୍ତ ବିଭାଗ ଶାସନ ସଚିବ ଡ. କ୍ରିଷନ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡ. ଜ୍ଞାନରଞ୍ଜନ ଦାସ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ରାମବଲ୍ଲଭ ସ୍ୱାଇଁ, ମୁଖ୍ୟଯନ୍ତ୍ରୀ ଆଦିତ୍ୟ କୁମାର ରାୟ, ଉପଜିଲାପାଳ ପୀତାମ୍ବର ସାମଲ, ଧାମରା ବନ୍ଦର ମୁଖ୍ୟ ନିର୍ବାହୀ ଅଧିକାରୀ ସୁବ୍ରତ କୁମାର ତ୍ରିପାଠୀ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ନେସ୍କୋ ଅଧୀକ୍ଷଣ ଯନ୍ତ୍ରୀ, ପିଏଚ୍‌ଡି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଓ ପାନୀୟ ଜଳ ଯୋଗାଣ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଚାନ୍ଦବାଲି, ଧାମନଗର, ବାସୁଦେବପୁର ତହସିଲଦାର ଓ ଜିଲା ଭୂଅର୍ଜନ ଅଧିକାରୀ କାର୍ତ୍ତିକନାଥ ମଣ୍ଡଳ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଦୋହରୀକରଣ ନିର୍ମାଣ କାର୍ଯ୍ୟ ବିଳମ୍ବ ପାଇଁ ସୃଷ୍ଟି ହେଉଥିବା ବିଭିନ୍ନ ସମସ୍ୟା ଯଥା ଧାମରା ବନ୍ଦର ଅଞ୍ଚଳରୁ ବାଲି ଉଠାଣ, ସରକାରୀ ଜମି ଅବରୋଧ ହଟାଇବା, ଗଛ କାଟିବା, ପାଣି ପାଇପ୍ ଓ ବିଜୁଳି ଖୁଣ୍ଟ ସ୍ଥାନାନ୍ତର କରିବା ଉପରେ ଆଲୋଚନା ହୋଇଥିଲା। ମାସକ ମଧ୍ୟରେ ସବୁ ସମସ୍ୟାର ସମାଧାନ କରିବାକୁ ଶାସନ ସଚିବ ବିଭାଗୀୟ ଅଧିକାରୀମାନଙ୍କୁ ତାଗିଦ୍ କରିବା ସହିତ ଠିକାଦାରଙ୍କ ବକେୟା ଅର୍ଥ ଯେପରି ନ ରହିବ ସେ ଦିଗରେ ଗୁରୁତ୍ୱ ଦେବାକୁ କହିଥିଲେ।

ଜାମୁଝାଡ଼ି-ବାସୁଦେବପୁର-ଧାମରା ରାସ୍ତାର ଦୋହରୀକରଣ କାର୍ଯ୍ୟ ପାଇଁ ୨୦୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଗେଙ୍ଗୁଟି ନଦୀ ଉପରେ ନିର୍ମାଣ ହେବାକୁ ଥିବା ଉଚ୍ଚ ପୋଲ ସହିତ ଏହାର ଆପ୍ରୋଚ ରୋଡ୍ ବାବଦରେ ୯ କୋଟି ୭୭ ଲକ୍ଷ ୮୭ ହଜାର ଟଙ୍କା ଓ ମନ୍ତେଇ ନଦୀ ଉପରେ ଉଚ୍ଚ ପୋଲ ସହିତ ଦିଗୋଛିଆ-ବାଂଶଡ଼ା ରାସ୍ତା ନିର୍ମାଣ ବାବଦକୁ ୧୯ କୋଟି ୭୭ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିବା ସୂଚନା ଦିଆଯାଇଥିଲା। ସହରର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଥିବା ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ଜିଲାପାଳ କାର୍ଯ୍ୟାଳୟ ପରିସର ମଧ୍ୟକୁ ଅଣାଯିବା, ଅତିରିକ୍ତ ଗୃହ ନିର୍ମାଣ ଓ ଜଳ ନିଷ୍କାସନ ବ୍ୟବସ୍ଥା ସୁଗମ କରିବା ନିମନ୍ତେ ଜିଲାପାଳ ଶାସନ ସଚିବଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ତୁରନ୍ତ ଏହାର ଆକଳନ କରି ପ୍ରସ୍ତାବ ପଠାଇଲେ ବିହିତ ପଦକ୍ଷେପ ନିଆଯିବ ବୋଲି ସଚିବ ପରାମର୍ଶ ଦେଇଥିଲେ। ଜିଲାସ୍ତରୀୟ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଛାତ୍ରୀନିବାସରେ ନାଗ

ବାରିପଦା ଅଫିସ, ୧୮।୩- ମୟୂରଭଞ୍ଜ ଜିଲା ଶ୍ୟାମାଖୁଣ୍ଟା ବ୍ଲକ ଅଧୀନ ଧନପୁରଠାରେ ଥିବା ଲାଲମୋହନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀନିବାସରୁ ବୁଧବାର ଏକ ୬ ଫୁଟର ନାଗସାପ ଉଦ୍ଧାର କରାଯାଇଛି। କରୋନା ଯୋଗୁ ବିଦ୍ୟାଳୟ ଛୁଟି ଥିବା ବେଳେ ଛାତ୍ରୀମାନେ ଛାତ୍ରୀନିବାସରେ ରହୁଥିଲେ। ଅପରାହ୍ଣ ୨ଟା ସମୟରେ ଛାତ୍ରୀମାନେ ଝରକା ପଟେ ଏକ ସାପ ପଶିଥିବା ଦେଖି ପ୍ରଧାନଶିକ୍ଷକଙ୍କୁ ଖବର ଦେଇଥିଲେ। ପରେ ସ୍ନେକ ହେଲପ୍ ଲାଇନ୍ ସଦସ୍ୟ କୃଷ୍ଣଚନ୍ଦ୍ର ଗୋଛାୟତ ଛାତ୍ରୀନିବାସରେ ପହଞ୍ଚି ସାପକୁ ଉଦ୍ଧାର କରିଥିଲେ।

### କୀଟନାଶକ ପ୍ରଭାବରେ ଗୋରୁ ମୃତ୍ୟୁକୁ ନେଇ ଉତ୍ତେଜନା

ବଡ଼ସାହି,୧୮।୩(ସ୍ୱ.ପ୍ର)-ବଡ଼ସାହି ବ୍ଲକ ଅଧୀନ ଖାନୁଆ ପଞ୍ଚାୟତର ଧାନଶୋଳ ଗ୍ରାମ ଚାଷ ଜମିରେ ବ୍ୟବହୃତ ହୋଇଥିବା କୀଟନାଶକ ଖାଇ ବୁଧବାର ୨ଟି ଗାଈ ଓ ଗୋଟିଏ ବଳଦର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଗୋଟିଏ ବଳଦ ଓ ବାଛୁରୀ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି। ଏହି ଘଟଣାକୁ କେନ୍ଦ୍ର କରି ଗ୍ରାମରେ ଚାପା ଉତ୍ତେଜନା ଦେଖାଦେଇଛି । ଗ୍ରାମ ନିକଟ ଭାଲୁକଡୁବି-ନିଶ୍ଚିନ୍ତପୁର ଗ୍ରାମରେ କିଛି ଚାଷୀ ଖରାଦିନିଆ ଧାନ ଚାଷ କରିଛନ୍ତି। ଧାନ କ୍ଷେତକୁ ଗାଈଗୋରୁ ଦାଉରୁ ରକ୍ଷା ପାଇବା ପାଇଁ ଚାଷୀମାନେ ପାଖ ଗ୍ରାମରେ ଖବର ଦେଇ ଚାଷଜମିରେ କୀଟନାଶକ ପ୍ରୟୋଗ କରିଥିଲେ। କୀଟନାଶକ ସମ୍ପର୍କରେ ଗୋପାଳକମାନେ ଜାଣିନପାରି ଗୋରୁ ଗୁଡିକୁ ଚରିବାକୁ ଛାଡି ଦେଇଥିଲେ। । ଚାଷଜମି ପାଣି ସେବନ କିମ୍ବା ଫସଲ ଖାଇବା ପରେ ୨ଟି ଗାଈ ଓ ଗୋଟିଏ ବଳଦ ମୃତ୍ୟୁବରଣ କରିଥିଲେ।

### ଜଳିଗଲା ୩ ବଖରା

ବଡ଼ସାହି,୧୮।୩(ସ୍ୱ.ପ୍ର)- ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ଖାନୁଆ ପଞ୍ଚାୟତ ହାତୀବନ୍ଧା ଗ୍ରାମର ବଳରାମ ବାସ୍କେଙ୍କ ଘରେ ବୁଧବାର ପୂର୍ବାହ୍ଣରେ ନିଆଁ ଲାଗି ୩ ବଖରା ପୋଡ଼ି ପାଉଁଶ ହୋଇଯାଇଛି। ବଳାରାମଙ୍କ ପତ୍ନୀ ରୋଷେଇ କରୁଥିବା ସମୟରେ ଅସାବଧାନତା ଯୋଗୁ ଚୁଲି ନିଆଁରୁ ଏହି ଅଗ୍ନିକାଣ୍ଡ ଘଟିଥିଲା। ଖବରପାଇ ଦମକଳ ବାହିନୀ ପହଞ୍ଚିବା ପୂର୍ବରୁ ଘରର ଆସବାବପତ୍ର, ଧାନ, ଚାଉଳ ଓ ଆବଶ୍ୟକ କାଗଜପତ୍ର ଆଦି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡିଯାଇଥିଲା। ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟା ଘଟଣାସ୍ଥଳରେ ପହଞ୍ଚି ବିପନ୍ନ ପରିବାରବର୍ଗଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଖାନୁଆ ରାଜସ୍ୱ ନିରୀକ୍ଷକ ଘଟଣା ସ୍ଥଳ ପରିଦର୍ଶନ କରି ଫେରିଛନ୍ତି ।

### ଯୁବକଙ୍କ ଆତ୍ମହତ୍ୟା

କୁଳିଅଣା,୧୮।୩(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ଚାନ୍ଦୁଆ ଥାନା ଅଧୀନ ଘୁଟୁରାଲୁଚା ଗ୍ରାମର ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ମାନସ ସାହୁ। ସୋମବାର ବିଳମ୍ବିତ ରାତିରେ ଘରଠାରୁ କିଛି ଦୂର କେଉଟୁଣୀମାରି କାଜୁ ଜଙ୍ଗଲର ଏକ ଗଛରେ ସେ ଆତ୍ମହତ୍ୟା କରିଥିବା ଦେଖି ସ୍ଥାନୀୟ ଲୋକେ ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ କରୁଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୪/୨୦୨୦) ରୁଜୁ ହୋଇଛି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇ ନାହିଁ।

### ନିଲାମ ହେଲା ଝାରପୋଖରିଆ ହାଟ

ଝାରପୋଖରିଆ, ୧୮।୩ (ଡି.ଏନ୍.ଏ.): ସାରସକଣା ବ୍ଲକ ଅଧୀନ ଝାରପୋଖରିଆ ସାପ୍ତାହିକ ହାଟ ୨୦୨୦-୨୧ ବର୍ଷ ଲାଗି ବୁଧବାର ନିଲାମ ହୋଇଛି। ଗୋଷାଣିପାଳ ଗ୍ରାମର ନୀଳକଣ୍ଠ ସାହୁ ୨ଲକ୍ଷ ୯ ହଜାର ୫ଶହ ଟଙ୍କାରେ ଏହି ହାଟକୁ ନିଲାମ ନେଇଛନ୍ତି। ସେହିପରି ଝାରପୋଖରିଆ କଂସେଇଖାନାକୁ ରିତେଶ କୁମାର ପଣ୍ଡା ୨୮ ହଜାର ୫୫ଟଙ୍କାରେ ଏବଂ ବମ୍ପେଛକ ଦୈନିକ ବଜାରକୁ ଦିଶକେଶନ ଗିରି ୨୦ ହଜାର ୧ ଶହ ୫୦ ଟଙ୍କାରେ ନିଲାମ ନେଇଛନ୍ତି। ଉପ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସାରସକଣା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ବିଜ୍ଞପ୍ତି ସଂଖ୍ୟା ୪୭୯/୧୫।୨।୨୦୨୦ ଅନୁଯାୟୀ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟରେ ଏହି ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ନିଲାମ ସମୟରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଜିତ କୁମାର ଦାସ, ସରପଞ୍ଚ ହାଡ଼ିବନ୍ଧୁ ନାଏକ, ଗ୍ରାମ ରୋଜଗାର ସେବକ ମଳୟ କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଏଥି ସହିତ ଉକ୍ତ ପଞ୍ଚାୟତରେ ଥିବା ବିଭିନ୍ନ ପୁଷ୍କରିଣୀ, ବନ୍ଧ ପ୍ରଭୃତି ଏକ ବର୍ଷ ପାଇଁ ନିଲାମ ହୋଇଥିଲା।

# ସଙ୍କଟରେ ମହୁଲ ସଂଗ୍ରହକାରୀ

- ୨କେଜି ଲୁଣ ବଦଳରେ ଏକ କେଜି ମହୁଲ
- ଦଲାଲ, ବ୍ୟବସାୟୀ ମାଲାମାଲ
- କଟକଣା ଯୋଗୁ ଜୀବିକା ହରାଉଛନ୍ତି ଅନେକ ପରିବାର

କପ୍ତିପଦା,୧୮।୩(ଡି.ଏନ୍.ଏ.)

ବସନ୍ତ ଋତୁରେ ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଅଞ୍ଚଳର ଶିମିଳିପାଳ ସଂଲଗ୍ନ ପଞ୍ଚାୟତ ଅଞ୍ଚଳର ଗରିବ ଆଦିବାସୀଙ୍କ ଆୟର ଅନ୍ୟତମ ପନ୍ଥା ହେଲା ମହୁଲ ସଂଗ୍ରହ । ଏହାକୁ ସେମାନେ ଖାଦ୍ୟ, ପାନୀୟ ଓ ଜାଳେଣି ରୂପେ ବ୍ୟବହାର କରୁଥିବା ବେଳେ ଏହା ସହିତ ରହିଛି ଆଦିବାସୀ ଜୀବନ ଜୀବିକାର ନିଗୂଢ ସମ୍ପର୍କ । ଆଦିବାସୀମାନେ ମହୁଲକୁ ଗୋଟାଇ ଶୁଖାଇବା ପରେ ତାକୁ ଅତି ଯତ୍ନର ସହିତ ରଖିଥାନ୍ତି। ଏଥିପାଇଁ ସେମାନଙ୍କୁ ବହୁ ପରିଶ୍ରମ କରିବାକୁ ପଡୁଥିଲେ ହେଁ ବିକ୍ରି ସମୟରେ ଉଚିତ ମୂଲ୍ୟ ମିଳୁ ନାହିଁ। ଫଳରେ ଆଦିବାସୀମାନେ ସଙ୍କଟ ମଧ୍ୟରେ ଗତି କରୁଛନ୍ତି।

ଏହି ବ୍ଲକ୍ ଅଞ୍ଚଳରେ ୭୦ପ୍ରତିଶତ ଲୋକ ଆଦିବାସୀ ସମ୍ପ୍ରଦାୟର । ଏହା ଏକ ବଣପାହାଡ ପରିବେଷ୍ଟିତ ଅଞ୍ଚଳ। ତେଣୁ ଅଧିକାଂଶ ଲୋକ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରି ନିଜର ଜୀବିକା ନିର୍ବାହ କରିଥାନ୍ତି । ମାତ୍ର ସରକାରଙ୍କର ପରିବର୍ତ୍ତିତ ନିୟମ ଏବଂ ଜଙ୍ଗଲଜାତ ଦ୍ରବ୍ୟ ଉପରେ କଟକଣା ଏହି ଲୋକମାନଙ୍କର ରୋଜଗାରରେ ପ୍ରତିବନ୍ଧକ ସୃଷ୍ଟି କରିଛି । ଜଙ୍ଗଲରୁ ମିଳୁଥିବା ମହୁଲ, ଟୋଲ, ଶାଳପତ୍ର, ହରିଡା, ବାହାଡା ଓ ଅଁଳା ଆଦି ସଂଗ୍ରହ କରି ଏହି ଲୋକମାନେ ସ୍ଥାନୀୟ ବଜାର ଏବଂ ଗାଁକୁ ଗାଁ ବୁଲି ବିକ୍ରି କରି ସଂସାର ଚଳାଇଥାନ୍ତି । ଏଗୁଡ଼ିକ ମଧ୍ୟରୁ ବିଶେଷକରି ମହୁଲ ଓ ଶାଳପତ୍ର ଉକ୍ତ ଅଞ୍ଚଳର ଜନସାଧାରଣଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶର ମୁଖ୍ୟ ମାଧ୍ୟମ। ତେଣୁ ଏ ସବୁ ଉପରେ କଟକଣା ଫଳରେ ବହୁ ପରିବାର ପ୍ରଭାବିତ ହେବା ସହିତ ସେମାନଙ୍କର ଜୀବିକା ହରାଇଛନ୍ତି । ଏହି ବ୍ଲକ ଅଧୀନ କଳମଗଡିଆ, ଶରତ, ନଟୋ, ରାଣୀପୋଖରୀ, ସରଡିହା, ଦେୱାନବାହାଲୀ, ରାମଚନ୍ଦ୍ରପୁର, ଲାବଣ୍ୟଦେଇପୁର, ପଦ୍ମପୋଖରୀ, ଚକ୍ରଧରପୁର, ଜେଏସ୍ ଜାମୁଡିହା, କୁଳିଅଳମ୍, ଦେବଳା, ମଝିଗଡିଆ, ଶାଳଚୁଆ ଓ ମାଙ୍କଡପଡା ଆଦି ପଞ୍ଚାୟତମାନଙ୍କରେ ବହୁ ପରିମାଣରେ ମହୁଲ ଗଛ ଦେଖିବାକୁ ମିଳେ। ମାର୍ଚ୍ଚ ମାସ ଠାରୁ ମହୁଲ ପାଚି ଝଡ଼ିବା ଆରମ୍ଭ ହୋଇଥାଏ। ଆଦିବାସୀମାନେ ଏହାକୁ ସଂଗ୍ରହ କରି ଯତ୍ନର ସହିତ ରଖିଥାନ୍ତି। ଜଙ୍ଗଲ ବିଭାଗ ତଥା ଜିଲା ପ୍ରଶାସନ ପକ୍ଷରୁ ସେପରି କିଛି ବିଧିବଦ୍ଧ ବ୍ୟବସ୍ଥା ନ ଥିବାରୁ ରାଜ୍ୟ ତଥା ରାଜ୍ୟ ବାହାରର ବ୍ୟବସାୟୀମାନେ ଦଲାଲମାନଙ୍କ ମାଧ୍ୟମରେ ଅତି କମ୍ ଦରରେ ଏହାକୁ ସଂଗ୍ରହ କରିଥାନ୍ତି। ଏଥିରେ ଦଲାଲ ଓ ବ୍ୟବସାୟୀ ମାଲାମାଲ ହେଉଥିବା ବେଳେ ମହୁଲ ସଂଗ୍ରହକାରୀଙ୍କ ଆର୍ଥିକ ସ୍ଥିତିରେ କୌଣସି ସୁଧାର ଆସିବାର ନଜିର ଦେଖାଯାଇ ନାହିଁ । ଏପରି କି ମହୁଲ ସଂଗ୍ରହକାରୀମାନେ ୨କେଜି ଲୁଣକୁ ଏକ କେଜି ମହୁଲ ଦେଇ କିଣୁଥିବାର ଶରତ ଅଞ୍ଚଳର ମାନ୍ଦ ସିଂ ଓ ସୁକୁଲ ହେମ୍ବ୍ରମ କହିଛନ୍ତି। ପୂର୍ବରୁ ମହୁଲ ବିକ୍ରି ପାଇଁ ସରକାର ଦର ନିର୍ଦ୍ଧାରଣ କରିବା ସହିତ ଓଡ଼ିଶା ବନ ବିଭାଗ ମହୁଲ ସଂଗ୍ରହକାରୀଙ୍କଠାରୁ ସିଧାସଳଖ ମହୁଲ କିଣୁଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ୬୮ଟି ବନ୍ୟଜାତ ସାମଗ୍ରୀ ମୂଲ୍ୟ ନିର୍ଦ୍ଧାରଣ ଦାୟିତ୍ୱ ପଞ୍ଚାୟତମାନଙ୍କୁ ହସ୍ତାନ୍ତର କରିଥିଲେ ହେଁ ଏ କ୍ଷେତ୍ରରେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଜଣାପଡ଼ିଛି । ଏହି ନିୟମ କେବଳ କାଗଜକଲମରେ ସୀମିତ ଅଛି ।


ମହୁଲକୁ ଶୁଖାଇ ରଖାଯାଇଛି।

ଜିଲାରେ ଏକ ମହୁଲଭିତ୍ତିକ ଗବେଷଣାଗାର ଓ ଶିଳ୍ପ ପ୍ରତିଷ୍ଠା ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲେ ହେଁ ବିଭାଗ, ପ୍ରଶାସନ କିମ୍ବା ନିର୍ବାଚିତ ପ୍ରତିନିଧିଙ୍କ ଆନ୍ତରିକତାର ଅଭାବ ପରିଲକ୍ଷିତ ହେଉଛି । ଯାହାଫଳରେ ମହୁଲ ସଂଗ୍ରହକାରୀମାନେ ଉଚିତ ମୂଲ୍ୟ ନ ପାଇ ଦଲାଲଙ୍କ ମାଧ୍ୟମରେ ଏହାକୁ ଶାଗମାଛ ଦରରେ ବିକ୍ରି କରିବା ପାଇଁ ବାଧ ହେଉଛନ୍ତି। ସରକାରୀସ୍ତରରେ ଏହି ମହୁଲ ଫୁଲ କ୍ରୟ କରାଗଲେ ସଂଗ୍ରହକାରୀ ପରିବାର ବେଶ୍ ଉପକୃତ ହେବା ସହିତ ସେମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ କରିପାରନ୍ତେ। ଏ ସମ୍ପର୍କରେ କପ୍ତିପଦା ରେଞ୍ଜର ମହେଶ୍ୱର ସିଂଙ୍କୁ ପଚାରିବାରୁ ବର୍ତ୍ତମାନ ମହୁଲ ସହିତ ୬୮ଟି ବନ୍ୟଜାତ ସାମଗ୍ରୀର ପରିଚାଳନା ତଥା ମୂଲ୍ୟ ନିର୍ଦ୍ଧାରଣ ଦାୟିତ୍ୱ ବନ ବିଭାଗଠାରୁ କାଢି ନିଆଯାଇ ପଞ୍ଚାୟତମାନଙ୍କୁ ଦିଆଯାଇଛି । ତେଣୁ ତାହା ଉପରେ ଆମର କୌଣସି ନିୟନ୍ତ୍ରଣ ନାହିଁ ବୋଲି ସେ କହିଛନ୍ତି।

### ଅଧାରୁ ବନ୍ଦ ହେଲା ପାଟଳୀପୁରା ଦୋଳ ମେଳଣ

ବୈଶିଙ୍ଗା,୧୮।୩(ଡି.ଏନ୍.ଏ.): 'କରୋନା' ସଂକ୍ରମଣ ସମସ୍ୟାକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ପାଟଳୀପୁରାଠାରେ ଚାଲିଥିବା ଦୋଳ ମେଳଣ ଉତ୍ସବକୁ ପ୍ରଶାସନ ଅଧାରୁ ବନ୍ଦ କରି ଦେଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଦୋଳ ପୂର୍ଣ୍ଣିମାର ଚାରିଦିନ ପରେ ଗତ ୧୩ ତାରିଖରେ ଏହି ମେଳା ଆୟୋଜିତ ହୋଇ ୧୬ ତାରିଖ ପର୍ଯ୍ୟନ୍ତ ସୁରୁଖୁରୁରେ ଚାଲିଥିଲା। ପ୍ରଥମ ୩ ଦିନ ବହୁ ଜନସମାଗମ ମଧ୍ୟ ହୋଇଥିଲା। ଦୋଳ ମହୋତ୍ସବର ଚତୁର୍ଥ ଦିନ ଏକ ଅପେରା ପାର୍ଟିର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୋଲିସ ପ୍ରଶାସନ ପକ୍ଷରୁ ଆୟୋଜକମାନଙ୍କୁ ସମସ୍ତ କାର୍ଯ୍ୟକ୍ରମ ତୁରନ୍ତ ବାତିଲ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। ଫଳରେ ଦୂରଦୂରାନ୍ତରୁ ଆସିଥିବା ବ୍ୟବସାୟୀମାନେ ବହୁ କ୍ଷତିର ସମ୍ମୁଖୀନ ହୋଇଥିବା ଆୟୋଜକମାନେ ପ୍ରକାଶ କରିଛନ୍ତି।

### ନାବାଳିକା ଅପହରଣ ଅଭିଯୋଗ

ବଡ଼ସାହି,୧୮।୩(ସ୍ୱ.ପ୍ର)-ବଡ଼ସାହି ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ଅପହରଣ କରି ନିଆ ଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ.୩୦/୨୦)ରୁଜୁ କରି ନାବାଳିକାଙ୍କୁ ଖୋଜିବା ପାଇଁ ପ୍ରୟାସ ଜାରି ରଖିଛି। ନାବାଳିକା ଜଣକ ମାଉସୀ ଘରେ ରହି ୭ମ ଶ୍ରେଣୀରେ ପଢୁଥିଲେ। ଗତ ୧୩ତାରିଖରେ ସେ ସ୍କୁଲକୁ ଯାଇ ଘରକୁ ଫେରି ନ ଥିଲେ। ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରି ମଧ୍ୟ ଝିଅକୁ ପାଇ ନ ଥିଲେ । ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଚାଲୁ ରଖିଛି ।

## ବିଦ୍ୟୁତ୍ କାଟ ପ୍ରତିବାଦରେ ଧାରଣା ଦେଲେ ବିସ୍ଥାପିତ

ବାରିପଦା ଅଫିସ, ୧୮।୩


ବିସ୍ଥାପତିମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ମୟୂରଭଞ୍ଜ ଜିଲା ବାରିପଦା ବ୍ଲକ ଲକ୍ଷ୍ମୀପୋଷିଠାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଯୋଗୁଁ ବିସ୍ଥାପିତ ହୋଇଥିବା ଶତାଧିକ ପରିବାରଙ୍କ ମଙ୍ଗଳବାରଠାରୁ ବିଦ୍ୟୁତକାଟ୍ କରାଯାଇଛି। ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ବିଭାଗ ଗ୍ରାମବାସୀଙ୍କ ବିଦ୍ୟୁତ୍ କାଟ କରି ଥିବାରୁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦରେ ବୁଧବାର ବିସ୍ଥାପିତମାନେ ଲକ୍ଷ୍ମୀପୋଷିସ୍ଥିତ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପଠାରେ ଧାରଣା ଦେବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ହେଲେ କୌଣସି ଅଧିକାରୀମାନେ ଏ ଦିଗରେ କର୍ଣ୍ଣପାତ ନ କରିବାରୁ ଗ୍ରାମବାସୀ ଫେରି ଆସିଥିଲେ। ଆଗାମୀ ଦିନରେ ଏ ନେଇ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ,୧୯୮୪ରେ ଆରମ୍ଭ ହୋଇଥିବା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଯୋଗୁଁ ଲକ୍ଷ୍ମୀପୋଷିଠାରେ ଶତାଧିକ ବିସ୍ଥାପିତ ରହିଥିଲେ। ସେମାନଙ୍କ ପରିବାରକୁ ବିନା ମୂଲ୍ୟରେ ବିଜୁଳି, ପାଣି ଶିକ୍ଷା, ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଚୁକ୍ତିନାମା ହୋଇଥିଲା। ହେଲେ ମଙ୍ଗଳବାରଠାରୁ ବିଦ୍ୟୁତକାଟ କରାଯାଇଛି। ଲକ୍ଷ୍ମୀପୋଷି ଗ୍ରାମର ଦାସ ମାରଣ୍ଡି କୁହନ୍ତି ଯେ, କ୍ଷତିଗ୍ରସ୍ତ ପରିବାରକୁ ଚାକିରି ଦେବା ପାଇଁ କହିଥିଲେ। ହେଲେ ଏ ଦିଗରେ କର୍ତ୍ତୃପକ୍ଷ ଧ୍ୟାନ ଦେଉ ନାହାନ୍ତି। ତୁରନ୍ତ ଉକ୍ତ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ନ କଲେ ଆଗାମୀ ଦିନରେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ପ୍ରକାଶ କରିଥିଲେ। ଏ ନେଇ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କୌଣସି ମତାମତ ଦେଇ ନ ଥିଲେ।

### ମାଛଧରାକୁ ନେଇ ଜନତା-ପ୍ରଶାସନ ମୁହାଁମୁହିଁ

ଖୁଣ୍ଟା,୧୮।୩ (ଡ଼ି.ଏନ୍.ଏ.)- ଖୁଣ୍ଟା ବ୍ଲକ ଅଧୀନ ବଡପଥରା ପଞ୍ଚାୟତର ବିଦାବନ୍ଧରେ ମାଛ ଧାରାକୁ ନେଇ ବୁଧବାର ବ୍ଲକ ପ୍ରଶାସନ ଓ ସାଧାରଣ ଜନତାଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସର ହସ୍ତକ୍ଷେପ ପରେ ପରିସ୍ଥିତିର ସମାଧାନ ହୋଇଥିଲା। ସୂଚନା ଅନୁଯାୟୀ,କରୋନା ସକାଶେ ଗୋଟିଏ ସ୍ଥାନରେ ୫ରୁ ଅଧିକ ଲୋକ ଏକାଠି ହେବାକୁ ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି। ଏଭଳି ସ୍ଥିତିରେ ବିଦା ବନ୍ଧରେ ମାଛ ଧରିବା ପାଇଁ ପ୍ରାୟ ୧ହଜାରରୁ ଊର୍ଦ୍ଧ୍ୱ ଲୋକ ଏକତ୍ରିତ ହୋଇଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ଉକ୍ତ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ପୋଲିସ ଟିମ ସହିତ ଉକ୍ତ ସ୍ଥାନରେ ପହଞ୍ଚି ଲୋକମାନଙ୍କୁ ବୁଝାଇ ଥିଲେ। ତେବେ କେତେକ ଲୋକ ଏହି କଥା ନ ମାନି ମାଛ ଧରିବା ପାଇଁ ଉଦ୍ୟତ ହୋଇଥିବା ବେଳେ ପୋଲିସ ସେମାନଙ୍କୁ ଥାନାକୁ ନେଇ ଆସିଥିଲା। ପରେ ପୋଲିସ ସେମାନଙ୍କୁ ଛାଡ଼ି ଦେଇଥିଲା।

## ୟେସ୍ ବ୍ୟାଙ୍କରେ ଅଛି ୨୮ ଲକ୍ଷ ଟଙ୍କା

### ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ଦିଆଗଲା ସୂଚନା

ବାରିପଦା ଅଫିସ, ୧୮।୩

କିଛିଦିନ ହେଲା ୟେସ୍ ବ୍ୟାଙ୍କର ଟଙ୍କାକୁ ନେଇ ରାଜ୍ୟବାସୀ ଦ୍ୱନ୍ଦ୍ୱରେ ଅଛନ୍ତି। ଏଭଳି ସ୍ଥିତିରେ ମୟୂରଭଞ୍ଜ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ଟଙ୍କା ୟେସ୍ ବ୍ୟାଙ୍କରେ ଥିବା ନେଇ ପ୍ରଚାର ହେବା ପରେ ଗ୍ରାହକମାନେ ଶଙ୍କାରେ ପଡ଼ି ଯାଇଥିଲେ। ବ୍ୟାଙ୍କରେ ବର୍ତ୍ତମାନ ୨୬୦ କୋଟି ଟଙ୍କା ଥିବା ବେଳେ ସେଥି ମଧ୍ୟରୁ ମାତ୍ର ୨୮ ଲକ୍ଷ ଟଙ୍କା ୟେସ୍ ବ୍ୟାଙ୍କରେ ଥିବା ନେଇ ବୁଧବାର ଏକ ଖବରଦାତା ସମ୍ମିଳନୀ କରି ବ୍ୟାଙ୍କର ସଭାପତି ରାଜକିଶୋର ଆଚାର୍ଯ୍ୟ ଜଣାଇଛନ୍ତି। ଉକ୍ତ ଟଙ୍କାକୁ କିଛି ଦିନ ଭିତରେ ବ୍ୟାଙ୍କ୍‌ରୁ ଉଠାଯିବ ବୋଲି ସେ କହିଥିଲେ। ବ୍ୟାଙ୍କର ଆର୍ଥିକ ସ୍ଥିତିକୁ ନେଇ ଗ୍ରାହକ ଯେଉଁ ଦ୍ୱନ୍ଦ୍ୱରେ ରହୁଛନ୍ତି ଓ ଯାହା ପ୍ରଚାର ହେଉଛି ତାହା ଅମୂଳକ ଓ ବିଭ୍ରାନ୍ତିକର ବୋଲି ସୂଚନା ଦିଆଯାଇଥିଲା। ଗ୍ରାହକମାନଙ୍କ ୨୬୦ କୋଟି ଟଙ୍କା ଜାତୀୟକରଣ ବ୍ୟାଙ୍କରେ ସୁରକ୍ଷିତ ଥିବା ନେଇ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶ କ୍ରମେ ପୂର୍ବରୁ ୟେସ୍ ବ୍ୟାଙ୍କ୍‌କୁ ଚେକ୍ କ୍ଲିୟରିଙ୍ଗ ପାଇଁ କୁହାଯାଇଥିଲା। ବର୍ତ୍ତମାନ ଚେକ୍ କ୍ଲିୟରିଙ୍ଗ ଦିଗରେ ଅନ୍ୟ ସୁବିଧା କରାଯାଇଥିବା ନେଇ ସୂଚନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ ବ୍ୟାଙ୍କ ସିଇଓ ପ୍ରକାଶ ଚନ୍ଦ୍ର ବାରିକ, ମ୍ୟାନେଜର ଭାଗବତ ସାହୁ, ଏଜିଏମ୍ ହୀରା ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

# ଗାଁ ଗାଁରେ 'କରୋନା' ସଚେତନତା

## ପ୍ରତିସ୍ତରରେ ଗଠନ କରାଯାଇଛି ସ୍କ୍ୱାଡ୍

ବାରିପଦା ଅଫିସ, ୧୮।୩

କରୋନାକୁ ନେଇ ମୟୂରଭଞ୍ଜ ଜିଲାର ପ୍ରତି ଗ୍ରାମରେ ସଚେତନତା କରାଯାଉଥିବା ଦେଖିବାକୁ ମିଳିଛି। ପ୍ରତିସ୍ତରରେ ସ୍କ୍ୱାଡ୍ ଗଠନ କରାଯାଇ ବିଦେଶ ଫେରନ୍ତାଙ୍କ ଉପରେ ନଜର ରଖାଯାଇ ସେମାନଙ୍କୁ ଘରେ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପରାମର୍ଶ ଦିଆଯାଉଛି। ଜିଲାର ୪ଟି ସବ୍‌ଡ଼ିଭିଜନ୍‌ରେ ଉପଜିଲାପାଳଙ୍କ ଅଧିନରେ ଗୋଟିଏ ଲେଖାଏ ସ୍କ୍ୱାଡ୍ ଗଠନ କରାଯାଇଛି। ପ୍ରତି ବ୍ଲକ, ଏନ୍‌ଏସି ଓ ପୌରପରିଷଦ ଅଧିକାରୀଙ୍କ ଅଧୀନରେ ମଧ୍ୟ ସ୍କ୍ୱାଡ୍ ଗଠନ କରାଯାଇଛି। ସେମାନେ ବିଦେଶ ଫେରନ୍ତାଙ୍କ ବିଷୟରେ ଯାଞ୍ଚ କରି ବିଭିନ୍ନ ପରାମର୍ଶ ଦେଉଛନ୍ତି। ଅନ୍ୟପକ୍ଷେ ମଲ୍ ଗୁଡ଼ିକ ବନ୍ଦ କରାଯାଇଥିବା ବେଳେ ଜିଲାପାଳ ଅତ୍ୟାବଶ୍ୟକ ସାମଗ୍ରୀର ମଲ୍ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ୨୦ରୁ ୩୦ ଜଣ ବ୍ୟକ୍ତି ମଲ୍‌କୁ ଯାଇପାରିବେ । ଏହାଠାରୁ ଅଧିକ ଯାଇପାରିବେ ନାହିଁ। ସେହିଭଳି ସମସ୍ତଙ୍କୁ ମଲ୍ ପକ୍ଷରୁ ସାନିଟାଇଜର ବନ୍ଦୋବସ୍ତ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାରେ ଥିବା ସମସ୍ତ ସରକାରୀ ଓ ଘରୋଇ ହସ୍ପିଟାଲ୍‌ଗଡ଼ିକ ବିଭିନ୍ନ ମାର୍ଗଦର୍ଶିକା ପାଳନ କରିବା ପାଇଁ ଜିଲାପାଳଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତି ମେଡ଼ିକାଲ୍‌ରେ କରୋନା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

### ବାର୍ ଆସୋସିଏଶନ ନିର୍ବାଚନ ସ୍ଥଗିତ

କରୋନାକୁ ଦୃଷ୍ଟିରେ ରଖି ଆସନ୍ତା ୨୮ ତାରିଖରେ ହେବାକୁ ଥିବା ବାରିପଦା ବାର୍ ଆସୋସିଏଶନ ନିର୍ବାଚନକୁ ସ୍ଥଗିତ ରଖାଯାଇଛି। ରାଜ୍ୟ ବାର୍ ଆସୋସିଏଶନ ନିର୍ଦ୍ଦେଶକ୍ରମେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ତେବେ ଏପ୍ରିଲ ୨୫ ତାରିଖରେ ନିର୍ବାଚନ ହେବ ବୋଲି ଜିଲା ବାର୍ ଆସୋସିଏଶନର ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।

### ଜନଗହଳି ରୋକିବାକୁ ପ୍ରୟାସ

ରାଇରଙ୍ଗପୁର, (ଡି.ଏନ୍.ଏ)-କରୋନାର ମୁକାବିଲା ଲାଗି ଜନଗହଳି ରୋକିବା ସକାଶେ ରାଇରଙ୍ଗପୁର ପ୍ରଶାସନ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଚଳିତ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ସହରାଞ୍ଚଳ ସମେତ ବିଭିନ୍ନ ପ୍ରାନ୍ତରେ ଗୋଟିଏ ସ୍ଥାନରେ ୫ ଜଣରୁ ଅଧିକ ବ୍ୟକ୍ତି ଏକତ୍ରୀତ ହେବା କିମ୍ବା ସଭା, ସମିତି ଆୟୋଜନକୁ ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି। ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି। ରାଇରଙ୍ଗପୁର ସହରାଞ୍ଚଳ ସମେତ ଆଖପାଖ ଅଞ୍ଚଳର ହାଟ ଓ ବଜାରରେ ରୁଣ୍ଡ ହେଉଥିବା ଲୋକମାନଙ୍କୁ ପୋଲିସ ଘଉଡ଼ାଇ ଦେଉଥିବା ଦେଖିବାକୁ ମିଳିଛି।

### ଭୟଭୀତ ହୁଅନ୍ତୁ ନାହିଁ

କୁଆମରା,(ଡ଼ି.ଏନ୍.ଏ.)- କରୋନା ମୁକାବିଲା ନେଇ ବ୍ଲକ ସ୍ତରରେ ବିଡିଓ ରବିନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ଲୋକ ପ୍ରତିନିଧିମାନଙ୍କୁ ନେଇ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି। ନିଜେ ସୁରକ୍ଷିତ ରହିବା ସହ ଲୋକମାନଙ୍କୁ ଅଧିକ ସଚେତନ କରିବା ଦିଗରେ ପଞ୍ଚାୟତର ବଡ ଭୂମିକା ରହିଛି ବୋଲି ବିଡିଓ କହିଥିଲେ। ତେବେ ଭୟଭୀତ ହେବାର କାରଣ ନାହିଁ ମୁକାବିଲା ପାଇଁ ବ୍ଲକ ପ୍ରଶାସନ ପ୍ରସ୍ତୁତ ଅଛି ବୋଲି ବିଡିଓ କହିଛନ୍ତି। ଏଥିରେ ୧୩ଟି ପଞ୍ଚାୟତର ସମସ୍ତ ସରପଞ୍ଚ, ସମିତି ସଭ୍ୟ, ୱାର୍ଡମେମ୍ବର ତଥା ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।

### ସଚେତନତା ହିଁ ସୁରକ୍ଷା

ବଡ଼ସାହି,(ସ୍ୱ.ପ୍ର)-ବଡ଼ସାହି ବ୍ଲକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କରୋନା ସଂକ୍ରମଣର ପ୍ରତିରୋଧ ପାଇଁ 'ସଚେତନତା ହିଁ ସୁରକ୍ଷା' ବାର୍ତ୍ତା ବାଣ୍ଟିଛନ୍ତି। ବଜାରରେ ଥିବା ସମସ୍ତ ଜଳଖିଆ, ଚା' ଓ ଫାଷ୍ଟଫୁଡ ଦୋକାନ ବୁଲି ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି । ହୋଟେଲଗୁଡିକରେ ସାବୁନ ଓ ହ୍ୟାଣ୍ଡ ୱାସ ବ୍ୟବହାର କରିବା ସହିତ ପରିଷ୍କାର ପରିଚ୍ଛନ୍ନତା, କାଚ ଗ୍ଲାସ ବଦଳରେ କାଗଜ କପ ଓ ଗ୍ଲାସ ବ୍ୟବହାର କରିବା ସହିତ ଅଞ୍ଚଳବାସୀଙ୍କୁ ସଚେତନ କରିବାକୁ କହିଥିଲେ । ସଂଘର କର୍ମକର୍ତ୍ତା ରଣଜିତ ଦାସ, ବସନ୍ତ କୁମାର ମହାପାତ୍ର, ରାଜେନ୍ଦ୍ର ଜେନା, ଅନନ୍ତ ଶତପଥି, ପୂର୍ଣ୍ଣଚନ୍ଦ୍ର ସିଂ, ଯୋଗେଶ୍ୱର ମିଶ୍ର, ସନ୍ତୋଷ ବେହେରାଙ୍କ ସମେତ ବହୁ କର୍ମକର୍ତ୍ତା ଏଥିରେ ସାମିଲ ଥିଲେ।

### ଥାନାରୁ ବାହାରିଲା ଶୋଭାଯାତ୍ରା

ଉଦଳା,(ଡି.ଏନ୍.ଏ.): ସାରା ଦେଶରେ ଏବେ କରୋନା ଭୟ । ଓଡ଼ିଶା ସରକାର ଏହାର ମୁକାବିଲା ନେଇ ଅନେକ ସତର୍କତା ଅବଲମ୍ବନ କରିଛନ୍ତି । ମୟୂରଭଞ୍ଜ ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଉଦଳା ଥାନା ପକ୍ଷରୁ କରୋନା ସଚେତନତା ନେଇ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା । ବୁଧବାର ପୂର୍ବାହ୍ଣ ୧୦ଟା ସମୟରେ ସ୍ଥାନୀୟ ଥାନା ପରିସରରୁ ଆଇଆଇସି ରୀନା ବେହେରାଙ୍କ ସମେତ ପୋଲିସ୍ ବିଭାଗ କର୍ମଚାରୀ ଏକ ବାଇକ ଶୋଭାଯାତ୍ରାରେ ବଜାର ପରିକ୍ରମା କରିଥିଲେ। ଏହା ସହିତ କରୋନା ନେଇ କ'ଣ କ'ଣ ସତର୍କତା ଗ୍ରହଣ କରାଯିବ ସେ ନେଇ ମାଇକ୍ ଜରିଆରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଶୋଭାଯାତ୍ରା ଉଦଳା ବଜାର ପରିକ୍ରମା କରିବା ସହିତ ସ୍ଥାନୀୟ ବସଷ୍ଟାଣ୍ଡ, ହାଇସ୍କୁଲ ଛକ ଏବଂ ଏନଏସି ଅଧୀନ ବିଭିନ୍ନ ୱାର୍ଡ ବୁଲିଥିଲା । ତେବେ କରୋନାକୁ ନେଇ ଭୟଭୀତ ନ ହୋଇ ସଚେତନ ହେବା ନିମନ୍ତେ ଉଦଳା ଥାନା ଅଧିକାରିଣୀ କହିଛନ୍ତି।



ଉଦଳା ପୋଲିସ ପକ୍ଷରୁ ଆୟୋଜିତ ସଚେତନତା ଶୋଭାଯାତ୍ରା।

### ପୋଲିସର ପଦଯାତ୍ରା

ରାଇରଙ୍ଗପୁର, (ଡି.ଏନ୍.ଏ)-ମୟୂରଭଞ୍ଜ ଜିଲା ଗୋରୁମହିଷାଣି ଥାନା ପୋଲିସ ପକ୍ଷରୁ ବୁଧବାର କରୋନା ଭାଇରସର ମୁକାବିଲା ସକାଶେ ଜନସଚେତନତା ପଦଯାତ୍ରା କରାଯାଇଥିଲା। ଥାନା ଅଧିକାରୀ ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ସମାଜସେବୀ ଲକ୍ଷ୍ମଣ ଟୁଡୁ, କୁଶ ମୁଦୁଲି, କୁରେଇଶିଳା ସରପଞ୍ଚ ରାମଚନ୍ଦ୍ର ନାଏକ ଏବଂ ଗୋରୁମହିଷାଣୀ ଲୁହାଖଣିର ପ୍ରବନ୍ଧକ ବିକାଶ ରଞ୍ଜନ ନାୟକଙ୍କ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା, ବୁଦ୍ଧିଜୀବୀ ଏଥିରେ ସାମିଲ ଥିଲେ।

## ସଙ୍କଟରେ ମହୁଲ ସଂଗ୍ରହକାରୀ

- ୨କେଜି ଲୁଣ ବଦଳରେ ଏକ କେଜି ମହୁଲ
- ଦଲାଲ, ବ୍ୟବସାୟୀ ମାଲାମାଲ
- କଟକଣା ଯୋଗୁ ଜୀବିକା ହରାଉଛନ୍ତି ଅନେକ ପରିବାର

କପ୍ତିପଦା,୧୮।୩(ଡି.ଏନ୍.ଏ.)

ବସନ୍ତ ଋତୁରେ ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଅଞ୍ଚଳର ଶିମିଳିପାଳ ସଂଲଗ୍ନ ପଞ୍ଚାୟତ ଅଞ୍ଚଳର ଗରିବ ଆଦିବାସୀଙ୍କ ଆୟର ଅନ୍ୟତମ ପନ୍ଥା ହେଲା ମହୁଲ ସଂଗ୍ରହ। ଏହାକୁ ସେମାନେ ଖାଦ୍ୟ, ପାନୀୟ ଓ ଜାଳେଣି ରୂପେ ବ୍ୟବହାର କରୁଥିବା ବେଳେ ଏହା ସହିତ ରହିଛି ଆଦିବାସୀ ଜୀବନ ଜୀବିକାର ନିଗୂଢ ସମ୍ପର୍କ । ଆଦିବାସୀମାନେ ମହୁଲକୁ ଗୋଟାଇ ଶୁଖାଇବା ପରେ ତାକୁ ଅତି ଯତ୍ନର ସହିତ ରଖିଥାନ୍ତି। ଏଥିପାଇଁ ସେମାନଙ୍କୁ ବହୁ ପରିଶ୍ରମ କରିବାକୁ ପଡୁଥିଲେ ହେଁ ବିକ୍ରି ସମୟରେ ଉଚିତ ମୂଲ୍ୟ ମିଳୁ ନାହିଁ। ଫଳରେ ଆଦିବାସୀମାନେ ସଙ୍କଟ ମଧ୍ୟରେ ଗତି କରୁଛନ୍ତି।

ଏହି ବ୍ଲକ୍ ଅଞ୍ଚଳରେ ୭୦ପ୍ରତିଶତ ଲୋକ ଆଦିବାସୀ ସମ୍ପ୍ରଦାୟର । ଏହା ଏକ ବଣପାହାଡ ପରିବେଷ୍ଟିତ ଅଞ୍ଚଳ। ତେଣୁ ଅଧିକାଂଶ ଲୋକ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରି ନିଜର ଜୀବିକା ନିର୍ବାହ କରିଥାନ୍ତି । ମାତ୍ର ସରକାରଙ୍କର ପରିବର୍ତ୍ତିତ ନିୟମ ଏବଂ ଜଙ୍ଗଲଜାତ ଦ୍ରବ୍ୟ ଉପରେ କଟକଣା ଏହି ଲୋକମାନଙ୍କର ରୋଜଗାରରେ ପ୍ରତିବନ୍ଧକ ସୃଷ୍ଟି କରିଛି । ଜଙ୍ଗଲରୁ ମିଳୁଥିବା ମହୁଲ, ଟୋଲ, ଶାଳପତ୍ର, ହରିଡା, ବାହାଡା ଓ ଅଁଳା ଆଦି ସଂଗ୍ରହ କରି ଏହି ଲୋକମାନେ ସ୍ଥାନୀୟ ବଜାର ଏବଂ ଗାଁକୁ ଗାଁ ବୁଲି ବିକ୍ରି କରି ସଂସାର ଚଳାଇଥାନ୍ତି । ଏଗୁଡ଼ିକ ମଧ୍ୟରୁ ବିଶେଷକରି ମହୁଲ ଓ ଶାଳପତ୍ର ଉକ୍ତ ଅଞ୍ଚଳର ଜନସାଧାରଣଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶର ମୁଖ୍ୟ ମାଧ୍ୟମ। ତେଣୁ ଏ ସବୁ ଉପରେ କଟକଣା ଫଳରେ ବହୁ ପରିବାର ପ୍ରଭାବିତ ହେବା ସହିତ ସେମାନଙ୍କର ଜୀବିକା ହରାଇଛନ୍ତି । ଏହି ବ୍ଲକ ଅଧୀନ କଳମଗଡିଆ, ଶରତ, ନଟୋ, ରାଣୀପୋଖରୀ, ସରଡିହା, ଦେୱାନବାହାଳୀ, ରାମଚନ୍ଦ୍ରପୁର, ଲାବଣ୍ୟଦେଇପୁର, ପଦ୍ମପୋଖରୀ, ଚକ୍ରଧରପୁର, ଜେଏସ୍ ଜାମୁଡିହା, କୁଳିଅଳମ୍, ଦେବଳା, ମଝିଗଡିଆ, ଶାଳଚୁଆ ଓ ମାଙ୍କଡପଡା ଆଦି ପଞ୍ଚାୟତମାନଙ୍କରେ ବହୁ ପରିମାଣରେ ମହୁଲ ଗଛ ଦେଖିବାକୁ ମିଳେ। ମାର୍ଚ୍ଚ ମାସ ଠାରୁ ମହୁଲ ପାଚି ଝଡ଼ିବା ଆରମ୍ଭ ହୋଇଥାଏ। ଆଦିବାସୀମାନେ ଏହାକୁ ସଂଗ୍ରହ କରି ଯତ୍ନର ସହିତ ରଖିଥାନ୍ତି। ଜଙ୍ଗଲ ବିଭାଗ ତଥା ଜିଲା ପ୍ରଶାସନ ପକ୍ଷରୁ ସେପରି କିଛି ବିଧିବଦ୍ଧ ବ୍ୟବସ୍ଥା ନ ଥିବାରୁ ରାଜ୍ୟ ତଥା ରାଜ୍ୟ ବାହାରର ବ୍ୟବସାୟୀମାନେ ଦଲାଲମାନଙ୍କ ମାଧ୍ୟମରେ ଅତି କମ୍ ଦରରେ ଏହାକୁ ସଂଗ୍ରହ କରିଥାନ୍ତି। ଏଥିରେ ଦଲାଲ ଓ ବ୍ୟବସାୟୀ ମାଲାମାଲ ହେଉଥିବା ବେଳେ ମହୁଲ ସଂଗ୍ରହକାରୀଙ୍କ ଆର୍ଥିକ ସ୍ଥିତିରେ କୌଣସି ସୁଧାର ଆସିବାର ନଜିର ଦେଖାଯାଇ ନାହିଁ । ଏପରି କି ମହୁଲ ସଂଗ୍ରହକାରୀମାନେ ୨କେଜି ଲୁଣକୁ ଏକ କେଜି ମହୁଲ ଦେଇ କିଣୁଥିବାର ଶରତ ଅଞ୍ଚଳର ମାନ୍ଦ ସିଂ ଓ ସୁକୁଲ ହେମ୍ବ୍ରମ କହିଛନ୍ତି। ପୂର୍ବରୁ ମହୁଲ ବିକ୍ରି ପାଇଁ ସରକାର ଦର ନିର୍ଦ୍ଧାରଣ କରିବା ସହିତ ଓଡ଼ିଶା ବନ ବିଭାଗ ମହୁଲ ସଂଗ୍ରହକାରୀଙ୍କଠାରୁ ସିଧାସଳଖ ମହୁଲ କିଣୁଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ୬୮ଟି ବନ୍ୟଜାତ ସାମଗ୍ରୀ ମୂଲ୍ୟ ନିର୍ଦ୍ଧାରଣ ଦାୟିତ୍ୱ ପଞ୍ଚାୟତମାନଙ୍କୁ ହସ୍ତାନ୍ତର କରିଥିଲେ ହେଁ ଏ କ୍ଷେତ୍ରରେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଜଣାପଡ଼ିଛି। ଏହି ନିୟମ କେବଳ କାଗଜକଲମରେ ସୀମିତ ଅଛି।

ଜିଲାରେ ଏକ ମହୁଲଭିତ୍ତିକ ଗବେଷଣାଗାର ଓ ଶିଳ୍ପ ପ୍ରତିଷ୍ଠା ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲେ ହେଁ ବିଭାଗ, ପ୍ରଶାସନ କିମ୍ବା ନିର୍ବାଚିତ ପ୍ରତିନିଧିଙ୍କ ଆନ୍ତରିକତାର ଅଭାବ ପରିଲକ୍ଷିତ ହେଉଛି । ଯାହାଫଳରେ ମହୁଲ ସଂଗ୍ରହକାରୀମାନେ ଉଚିତ ମୂଲ୍ୟ ନ ପାଇ ଦଲାଲଙ୍କ ମାଧ୍ୟମରେ ଏହାକୁ ଶାଗମାଛ ଦରରେ ବିକ୍ରି କରିବା ପାଇଁ ବାଧ୍ୟ ହେଉଛନ୍ତି। ସରକାରୀସ୍ତରରେ ଏହି ମହୁଲ ଫୁଲ କ୍ରୟ କରାଗଲେ ସଂଗ୍ରହକାରୀ ପରିବାର ବେଶ୍ ଉପକୃତ ହେବା ସହିତ ସେମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ କରିପାରନ୍ତେ। ଏ ସମ୍ପର୍କରେ କପ୍ତିପଦା ରେଞ୍ଜର ମହେଶ୍ୱର ସିଂଙ୍କୁ ପଚାରିବାରୁ ବର୍ତ୍ତମାନ ମହୁଲ ସହିତ ୬୮ଟି ବନ୍ୟଜାତ ସାମଗ୍ରୀର ପରିଚାଳନା ତଥା ମୂଲ୍ୟ ନିର୍ଦ୍ଧାରଣ ଦାୟିତ୍ୱ ବନ ବିଭାଗଠାରୁ କାଢି ନିଆଯାଇ ପଞ୍ଚାୟତମାନଙ୍କୁ ଦିଆଯାଇଛି । ତେଣୁ ତାହା ଉପରେ ଆମର କୌଣସି ନିୟନ୍ତ୍ରଣ ନାହିଁ ବୋଲି ସେ କହିଛନ୍ତି।



ମହୁଲକୁ ଶୁଖାଇ ରଖାଯାଇଛି।

## ସଂକ୍ଷେପରେ

### ବନ୍ଧୁକ ଦେଖାଇ ବ୍ୟବସାୟୀଙ୍କ ଠାରୁ ଟଙ୍କା ଲୁଟ୍

**ଯୋଡ଼ା,୧୮।୩(ଡି.ଏନ.ଏ.)**-କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ମଲଦା ଚମ୍ପାଡିହି ଗ୍ରାମରେ ବନ୍ଧୁକ ଦେଖାଇ ବାସୁଦେବ ମହାନ୍ତ ନାମକ ବ୍ୟବସାୟୀଙ୍କ ଠାରୁ ୫୦ହଜାର ଟଙ୍କା ଦୁର୍ବୃତ୍ତମାନେ ଲୁଟି ନେଇଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ବ୍ୟବସାୟୀ ବାସୁଦେବଙ୍କ ଘରକୁ ୪ରୁ ୫ଜଣ ଦୁର୍ବୃତ୍ତ ଏକ ବୋଲେରୋରେ ଆସି ବନ୍ଧୁକ ଦେଖାଇ ଧମକ ଦେବା ସହ ମାଡ଼ ମାରିଥିଲେ ଏବଂ ଟଙ୍କା ମାଗିଥିଲେ। ଜୀବନ ବଞ୍ଚାଇବା ଭୟରେ ବାସୁଦେବ ସେମାନଙ୍କୁ ୫୦ହଜାର ଟଙ୍କା ଦେଇଥିଲେ। ଟଙ୍କା ପାଇ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଘଟଣା ସମ୍ପର୍କରେ ସେ ବାମେବାରୀ ପୋଲିସକୁ ଜଣାଇଥିଲେ। ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛି । ବୁଧବାର ସନ୍ଧ୍ୟା ପର୍ଯ୍ୟନ୍ତ ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇ ନ ଥିବା ବାମେବାରୀ ଥାନା ଓଆଇସି ଅମିତାଭ ଦାସ ପ୍ରକାଶ କରିଛନ୍ତି।

### ବଡ଼ମା'ଙ୍କୁ ପିଟିପିଟି ହତ୍ୟାକଲା ପୁତୁରା

**କେନ୍ଦୁଝର,୧୮।୩(ସ୍ୱ.ପ୍ର.)**-ପାରିବାରିକ କଳହକୁ ନେଇ ବଡ଼ମା'ଙ୍କୁ ବାଡ଼ିରେ ପିଟିପିଟି ଜଣେ ପୁତୁରା ହତ୍ୟା କରିଛନ୍ତି। ବାଂଶପାଳ ବ୍ଲକ ନୟାକୋଟ ଥାନା କଲଣ୍ଡା ଗ୍ରାମରେ ଏହି ଅଭାବନୀୟ ଘଟଣା ଘଟିଛି। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ବାଂଶପାଳ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଚିକିତ୍ସା ଆରମ୍ଭ କରିବା ପୂର୍ବରୁ ମୃତ ଘୋଷଣା କରିଥିଲେ। ଖବର ପାଇ ନୟାକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଏକ ମାମଲା ରୁଜୁକରି ଅଭିଯୁକ୍ତ ପୁତୁରାଙ୍କୁ ଗିରଫ କରିଛି।

### ବିଦ୍ୟୁତ୍ ସଂଯୋଗ ପାଇଁ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ

**ଢେଙ୍କିକୋଟ, ୧୮।୩(ଡି.ଏନ୍.ଏ.)**-ଢେଙ୍କିକୋଟ ନେସ୍କୋ ବିଦ୍ୟୁତ୍ ସେକ୍ସନ ଅନ୍ତର୍ଗତ ରଘୁନାଥପୁର ଗ୍ରାମ ପଞ୍ଚାୟତ ଡୁମୁରିଆ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ବିଦ୍ୟୁତ୍ ସଂଯୋଗ ପାଇଁ ମଙ୍ଗଳବାର ପୂର୍ବାହ୍ନ ୧୧ଟାବେଳେ ଢେଙ୍କିକୋଟ ନେସ୍କୋ ଜୁନିୟର ଇଞ୍ଜିନିୟର କାର୍ଯ୍ୟାଳୟକୁ ଘେରିଥିଲେ। ଏପର୍ଯ୍ୟନ୍ତ ଘର ନିକଟକୁ ବିଦ୍ୟୁତ୍ ଖୁଣ୍ଟ କିମ୍ବା ବିଦ୍ୟୁତ୍ ତାର ଟଣାଯାଇନି। ଏ ସମ୍ପର୍କରେ ଢେଙ୍କିକୋଟ ବିଦ୍ୟୁତ୍ ସେକ୍ସନ ଜେଇଙ୍କୁ ପଚାରିବାରୁ ଡୁମୁରିଆ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ନିମନ୍ତେ ଖୁଣ୍ଟ ତାର ଟଣା ହୋଇନାହିଁ। ଟଣା ହେବାପରେ ଟ୍ରାନ୍ସଫର୍ମର ଆସିଲେ ବିଦ୍ୟୁତ୍ ସଂଯୋଗ ଦିଆଯିବ।

### ବଳଦେବଜୀଉଙ୍କ ମନ୍ଦିରରେ ସଚେତନତା

**କେନ୍ଦୁଝର, ୧୮।୩(ସ୍ୱ.ପ୍ର.)**-କେନ୍ଦୁଝରର ଆରାଧ୍ୟ ବଳଦେବଜୀଉ ମନ୍ଦିରକୁ ଦୈନିକ ଶହ ଶହ ଭକ୍ତ ଦର୍ଶନ ପାଇଁ ଆସନ୍ତି। 'କୋରନା' ବ୍ୟାପିବା ଆଶଙ୍କା କରି ମନ୍ଦିରକୁ ନ ଆସିବାକୁ ବାରଣ କରାଯାଇଛି । ସେହିପରି ପୂଜକ ମାନଙ୍କୁ ସତର୍କତା ପଦକ୍ଷେପ ନେବାକୁ କୁହାଯାଇଛି। ଦର୍ଶନ ପାଇଁ ଭକ୍ତ ମାନଙ୍କୁ ଗ୍ରୁପ ହୋଇ ନ ଯିବାକୁ କୁହାଯାଇଛି। କୋରନା ପାଇଁ ସମସ୍ତ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସରକାରୀ ବ୍ୟବସ୍ଥା ଅନୁଯାୟୀ ମନ୍ଦିରରେ ସତର୍କତା ପଦକ୍ଷେପ ନିଆଯାଇଛି ବୋଲି ଉପଜିଲାପାଳ ରାମଚନ୍ଦ୍ର କିସ୍କୁ କହିଛନ୍ତି।

### ବଣିକ ସଂଘ ସହ ଆଲୋଚନା କଲେ ପୋଲିସ ଅଧିକାରୀ

**ପାଟଣା,୧୮।୩(ସ୍ୱ.ପ୍ର.)**- କେନ୍ଦୁଝର ଜିଲା ପାଟଣା ଥାନା ପକ୍ଷରୁ ମହାମାରି କରୋନା ମୁକାବିଲା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏନେଇ ପାଟଣା ପୋଲିସ ପକ୍ଷରୁ ସମସ୍ତ ବଣିକ ମାନଙ୍କୁ ସଚେତନ ହେବା ସହ ଅଯଥା ଭିଡ଼ ନ ଜମାଇବା ପାଇଁ ପରାମର୍ଶ ଦିଆଯାଇଛି। ପାଟଣା ଥାନା ଅଧିକାରୀ ସନ୍ଧ୍ୟା ରାଣୀ ଜେନା ଓ ବଣିକ ସଂଘର ସଭାପତି ବୁଲୁ ଭଞ୍ଜଙ୍କ ମଧ୍ୟରେ ଏଥିନିମନ୍ତେ ଆଲୋଚନା ହୋଇଛି। ବୁଧବାର ପାଟଣା ବଜାରର ସାପ୍ତାହିକ ହାଟରେ ଅଯଥା ଭିଡ଼ ନ କରିବା ପାଇଁ ପୋଲିସ ଲୋକ ମାନଙ୍କୁ ସଚେତନ କରାଇଥିଲା। ଦରକାର ନ ଥିଲେ ସର୍ବସାଧାରଣସ୍ଥଳୀକୁ ଲୋକେ ନ ଆସିବାପାଇଁ ସଚେତନ କରାଯାଇଥିଲା।

### 'କରୋନା' ପାଇଁ ଘଟଗାଁ ତାରିଣୀ ମନ୍ଦିରରେ କଟକଣା

**କେନ୍ଦୁଝର, ୧୮।୩(ଡି.ଏନ.ଏ.)**

କରୋନା ପାଇଁ ଘଟଗାଁ ମା' ତାରିଣୀ ମନ୍ଦିରରେ କଟକଣା ଜାରି କରାଯାଇଛି। ବୁଧବାର ଦିନ ଜିଲାପାଳ ଆଶିଷ ଠାକରେଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇ ଭକ୍ତଙ୍କ ପାଇଁ କଟକଣା ଜାରି କରାଯାଇଛି। ପ୍ରତି ଭକ୍ତ ମଧ୍ୟରେ ଦୂରତା ରଖିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରତି ଭକ୍ତ ଗୋଟିଏ ନଡିଆ ନେଇ ପୂଜା କରିବେ ଏବଂ ଭକ୍ତ ହାତ ଧୂଆ ପାଇଁ ହ୍ୟାଣ୍ଡ ୱାଶ ବ୍ୟବସ୍ଥା କରାଯାଇଛି। ପ୍ରତି ୨ଘଣ୍ଟାରେ ଥରେ ମନ୍ଦିର ଭିତରେ ସାନିଟାଇଜେସନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ତାରିଣୀ ଟ୍ରଷ୍ଟ ବୋର୍ଡର ସଦସ୍ୟ ଏବଂ ମନ୍ଦିର ପୋଲିସ ଏହି କାର୍ଯ୍ୟକୁ ତଦାରଖ କରିବେ ବୋଲି ଟ୍ରଷ୍ଟ ବୋର୍ଡର ସଭାପତି ରାଜେନ୍ଦ୍ର ପଟ୍ଟନାୟକ ସୂଚନା ଦେଇଛନ୍ତି।

### ଅଲେଖ ମହିମା ବିଶ୍ୱଶାନ୍ତି ମହାଯଜ୍ଞ ପ୍ରସ୍ତୁତି

**କେନ୍ଦୁଝର,୧୮।୩ (ସ୍ୱ.ପ୍ର.)**

ସଦର ବ୍ଲକ ଅନ୍ତର୍ଗତ ରାଇସୁଆଁ ଗୁରୁମହିମା କ୍ଲବ ପାତ୍ର ସାହି ପକ୍ଷରୁ ଚଳିତ ବର୍ଷ ଅଲେଖ ମହିମା ବିଶ୍ୱଶାନ୍ତି ମହାଯଜ୍ଞ ୮ତାରିଖ ବୁଧବାର ଠାରୁ ୯ତାରିଖ ଗୁରୁବାର ପର୍ଯ୍ୟନ୍ତ ଫାଲଗୁନ ମାସରେ ଦୁଇ ଦିନଧରି ଦିବାରାତ୍ର ଅନୁଷ୍ଠିତ ହେବ। ଏନେଇ ପ୍ରସ୍ତୁତି ଚାଲିଛି। ପ୍ରଥମଦିନ ଶୁଭ ଅଧିବାସୀ କଳସଯାତ୍ରା ସକାଳ ୮ଘଟିକା, ଦ୍ୱିତୀୟ ଦିନ ନାମ ଭଜନ ସନ୍ଧ୍ୟା ଏବଂ ୧୦ରିଖ ଶୁକ୍ରବାର ପୂର୍ଣ୍ଣାହୂତି ଦିଆଯିବ।

## ବିଦ୍ୟୁତ୍ କାଟ ପ୍ରତିବାଦରେ ଧାରଣା ଦେଲେ ବିସ୍ଥାପିତ

ବାରିପଦା ଅଫିସ, ୧୮।୩



ବିସ୍ଥାପତିମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ମୟୂରଭଞ୍ଜ ଜିଲା ବାରିପଦା ବ୍ଲକ ଲକ୍ଷ୍ମୀପୋଷିଠାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଯୋଗୁଁ ବିସ୍ଥାପିତ ହୋଇଥିବା ଶତାଧିକ ପରିବାରଙ୍କ ମଙ୍ଗଳବାରଠାରୁ ବିଦ୍ୟୁତକାଟ୍ କରାଯାଇଛି। ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ବିଭାଗ ଗ୍ରାମବାସୀଙ୍କ ବିଦ୍ୟୁତ୍ କାଟ କରି ଥିବାରୁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦରେ ବୁଧବାର ବିସ୍ଥାପିତମାନେ ଲକ୍ଷ୍ମୀପୋଷିସ୍ଥିତ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପଠାରେ ଧାରଣା ଦେବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ହେଲେ କୌଣସି ଅଧିକାରୀମାନେ ଏ ଦିଗରେ କର୍ଣ୍ଣପାତ ନ କରିବାରୁ ଗ୍ରାମବାସୀ ଫେରି ଆସିଥିଲେ। ଆଗାମୀ ଦିନରେ ଏ ନେଇ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ,୧୯୮୮ରେ ଆରମ୍ଭ ହୋଇଥିବା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଯୋଗୁଁ ଲକ୍ଷ୍ମୀପୋଷିଠାରେ ଶତାଧିକ ବିସ୍ଥାପିତ ରହିଥିଲେ। ସେମାନଙ୍କ ପରିବାରକୁ ବିନା ମୂଲ୍ୟରେ ବିଜୁଳି, ପାଣି ଶିକ୍ଷା, ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଚୁକ୍ତିନାମା ହୋଇଥିଲା। ହେଲେ ମଙ୍ଗଳବାରଠାରୁ ବିଦ୍ୟୁତକାଟ କରାଯାଇଛି। ଲକ୍ଷ୍ମୀପୋଷି ଗ୍ରାମର ଦାସ ମାରଣ୍ଡି କୁହନ୍ତି ଯେ, କ୍ଷତିଗ୍ରସ୍ତ ପରିବାରକୁ ଚାକିରି ଦେବା ପାଇଁ କହିଥିଲେ। ହେଲେ ଏ ଦିଗରେ କର୍ତ୍ତୃପକ୍ଷ ଧ୍ୟାନ ଦେଉ ନାହାନ୍ତି। ତୁରନ୍ତ ଉକ୍ତ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ନ କଲେ ଆଗାମୀ ଦିନରେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ପ୍ରକାଶ କରିଥିଲେ। ଏ ନେଇ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କୌଣସି ମତାମତ ଦେଇ ନ ଥିଲେ।

## ମାଛଧରାକୁ ନେଇ ଜନତା-ପ୍ରଶାସନ ମୁହାଁମୁହିଁ

**ଖୁଣ୍ଟା,୧୮।୩ (ଡ଼ି.ଏନ୍.ଏ.)**- ଖୁଣ୍ଟା ବ୍ଲକ ଅଧୀନ ବଡପଥରା ପଞ୍ଚାୟତର ବିଦାବନ୍ଧରେ ମାଛ ଧାରାକୁ ନେଇ ବୁଧବାର ବ୍ଲକ ପ୍ରଶାସନ ଓ ସାଧାରଣ ଜନତାଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସର ହସ୍ତକ୍ଷେପ ପରେ ପରିସ୍ଥିତିର ସମାଧାନ ହୋଇଥିଲା। ସୂଚନା ଅନୁଯାୟୀ,କରୋନା ସକାଶେ ଗୋଟିଏ ସ୍ଥାନରେ ୫ରୁ ଅଧିକ ଲୋକ ଏକାଠି ହେବାକୁ ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି। ଏଭଳି ସ୍ଥିତିରେ ବିଦା ବନ୍ଧରେ ମାଛ ଧରିବା ପାଇଁ ପ୍ରାୟ ୧ହଜାରରୁ ଉର୍ଦ୍ଧ୍ୱ ଲୋକ ଏକତ୍ରିତ ହୋଇଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ଉକ୍ତ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ପୋଲିସ ଟିମ ସହିତ ଉକ୍ତ ସ୍ଥାନରେ ପହଞ୍ଚି ଲୋକମାନଙ୍କୁ ବୁଝାଇ ଥିଲେ। ତେବେ କେତେକ ଲୋକ ଏହି କଥା ନ ମାନି ମାଛ ଧରିବା ପାଇଁ ଉଦ୍ୟତ ହୋଇଥିବା ବେଳେ ପୋଲିସ ସେମାନଙ୍କୁ ଥାନାକୁ ନେଇ ଆସିଥିଲା। ପରେ ପୋଲିସ ସେମାନଙ୍କୁ ଛାଡ଼ି ଦେଇଥିଲା।

## 'କରୋନା' ଆଶ୍ରୟସ୍ଥଳକୁ ଗ୍ରାମବାସୀଙ୍କ ବିରୋଧ

**ଚମ୍ପୁଆ,୧୮।୩(ଡି.ଏନ.ଏ.)**

ଚମ୍ପୁଆ ବ୍ଲକ ଅନ୍ତର୍ଗତ କାଶିପାଳ ଓ ଘୁଣ୍ଟଗଡିଆଠାରେ କରୋନା ଆଶ୍ରୟ ସ୍ଥଳକୁ ଗ୍ରାମବାସୀ ମାନେ ବିରୋଧ କରିବାରୁ ବ୍ଲକ ପ୍ରଶାସନ ତାହା ବନ୍ଦ କରି ଅନ୍ୟତ୍ର ସ୍ଥାନାନ୍ତର କରିଥିବା ଜଣାପଡିଛି। ମାତ୍ର ଅନ୍ୟତ୍ର ସ୍ଥାନରେ ମଧ୍ୟ ଗ୍ରାମବାସୀ ଏହି ଆଶ୍ରୟସ୍ଥଳକୁ ନ କରିବାକୁ କହିଛନ୍ତି। ସୂଚନା ଅନୁସାରେ କାଶିପାଳ ପଞ୍ଚାୟତର ଘୁଣ୍ଟଗଡିଆ ଠାରେ ଗ୍ରାମକୁ ଲାଗି ଥିବା ପ୍ରାଥମିକ ବିଦ୍ୟାଳୟରେ ଏହି ଆଶ୍ରୟ ସ୍ଥଳ ଖୋଲିବାକୁ ବ୍ଲକ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବାବେଳେ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ ଫଳରେ ଏହି ଆଶ୍ରୟ ସ୍ଥଳକୁ କାଶିପାଳକୁ ସ୍ଥାନାନ୍ତରିତ କାରାଯାଇଥିଲା। ମାତ୍ର ସେଠାରେ ସ୍କୁଲ ମଧ୍ୟରେ ଛାତ୍ରାବାସ ଥିବାରୁ ତାହାପୁଣି ଗୁଲୁଦିପଶିକୁ ସ୍ଥାନାନ୍ତର କରାଯାଇଛି। ଗ୍ରାମବାସୀଙ୍କ ବିରୋଧରେ ଅତିଷ୍ଠ ବ୍ଲକ ପ୍ରଶାସନ ଶେଷରେ ଉପଜିଲାପାଳଙ୍କୁ ଖବର ଦେବାରୁ ଉପଜିଲାପାଳ ପ୍ରତାପ ପ୍ରତିମୟ ଘଟଣା ସ୍ଥଳରେ ପହଞ୍ଚି ଘୁଣ୍ଟଗଡିଆ ଓ କାଶିପାଳ ଠାରେ ଆଶ୍ରୟ ସ୍ଥଳ ପାଇଁ ଅନୁପଯୁକ୍ତ ଅନୁଭବ କରିବାରୁ ଗୁଲୁଦିପଶି ଠାରେ ଏହା କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ମାତ୍ର ଗ୍ରାମବାସୀ ତାହାକୁ ମଧ୍ୟ ବିରୋଧ କରିଥିଲେ। ଏନେଇ ଉପଜିଲାପାଳ ପ୍ରତିମୟଙ୍କୁ ପଚାରିବାରୁ ଗୁଲୁଦିପଶି ଠାରେ ଏହାକୁ କରାଯିବ। ଜନ ସାଧାରଣଙ୍କର ଯେମିତି କୌଣସି କ୍ଷତି ନହେବ ସେଥିପ୍ରତି ଦୃଷ୍ଟି ଦେବାସହ ଯଦି ଏହାକୁ ବିରୋଧ କରାଯାଏ ତେବେ ଆବଶ୍ୟକ ପଡିଲେ ପୋଲିସ ପ୍ରଶାସନର ସହାୟତାରେ କାର୍ଯ୍ୟ କରାଯିବ ବୋଲି ସୂଚନା ଦେଇଛନ୍ତି।

## ଗାଁ ଗାଁରେ 'କରୋନା' ସଚେତନତା

### ପ୍ରତିସ୍ତରରେ ଗଠନ କରାଯାଇଛି ସ୍କ୍ୱାଡ୍

ବାରିପଦା ଅଫିସ, ୧୮।୩

କରୋନାକୁ ନେଇ ମୟୂରଭଞ୍ଜ ଜିଲାର ପ୍ରତି ଗ୍ରାମରେ ସଚେତନତା କରାଯାଉଥିବା ଦେଖିବାକୁ ମିଳିଛି। ପ୍ରତିସ୍ତରରେ ସ୍କ୍ୱାଡ୍ ଗଠନ କରାଯାଇ ବିଦେଶ ଫେରନ୍ତାଙ୍କ ଉପରେ ନଜର ରଖାଯାଇ ସେମାନଙ୍କୁ ଘରେ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପରାମର୍ଶ ଦିଆଯାଉଛି। ଜିଲାର ୪ଟି ସବ୍‌ଡ଼ିଭିଜନ୍‌ରେ ଉପଜିଲାପାଳଙ୍କ ଅଧିନରେ ଗୋଟିଏ ଲେଖାଏ ସ୍କ୍ୱାଡ୍ ଗଠନ କରାଯାଇଛି। ପ୍ରତି ବ୍ଲକ, ଏନ୍ଏସି ଓ ପୌରପରିଷଦ ଅଧିକାରୀଙ୍କ ଅଧୀନରେ ମଧ୍ୟ ସ୍କ୍ୱାଡ୍ ଗଠନ କରାଯାଇଛି। ସେମାନେ ବିଦେଶ ଫେରନ୍ତାଙ୍କ ବିଷୟରେ ଯାଞ୍ଚ କରି ବିଭିନ୍ନ ପରାମର୍ଶ ଦେଉଛନ୍ତି। ଅନ୍ୟପକ୍ଷେ ମଲ୍ ଗୁଡ଼ିକ ବନ୍ଦ କରାଯାଇଥିବା ବେଳେ ଜିଲାପାଳ ଅତ୍ୟାବଶ୍ୟକ ସାମଗ୍ରୀର ମଲ୍ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ୨୦ରୁ ୩୦ ଜଣ ବ୍ୟକ୍ତି ମଲ୍‌କୁ ଯାଇପାରିବେ । ଏହାଠାରୁ ଅଧିକ ଯାଇପାରିବେ ନାହିଁ। ସେହିଭଳି ସମସ୍ତଙ୍କୁ ମଲ୍ ପକ୍ଷରୁ ସାନିଟାଇଜର ବନ୍ଦୋବସ୍ତ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାରେ ଥିବା ସମସ୍ତ ସରକାରୀ ଓ ଘରୋଇ ହସ୍ପିଟାଲ୍‌ଗଡ଼ିକ ବିଭିନ୍ନ ମାର୍ଗଦର୍ଶିକା ପାଳନ କରିବା ପାଇଁ ଜିଲାପାଳଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତି ମେଡ଼ିକାଲ୍‌ରେ କରୋନା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

### ବାର୍ ଆସୋସିଏଶନ ନିର୍ବାଚନ ସ୍ଥଗିତ

କରୋନାକୁ ଦୃଷ୍ଟିରେ ରଖି ଆସନ୍ତା ୨୮ ତାରିଖରେ ହେବାକୁ ଥିବା ବାରିପଦା ବାର୍ ଆସୋସିଏଶନ ନିର୍ବାଚନକୁ ସ୍ଥଗିତ ରଖାଯାଇଛି। ରାଜ୍ୟ ବାର୍ ଆସୋସିଏଶନ ନିର୍ଦ୍ଦେଶକ୍ରମେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ତେବେ ଏପ୍ରିଲ ୨୫ ତାରିଖରେ ନିର୍ବାଚନ ହେବ ବୋଲି ଜିଲା ବାର୍ ଆସୋସିଏଶନର ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।

### ଜନଗହଳି ରୋକିବାକୁ ପ୍ରୟାସ

ରାଇରଙ୍ଗପୁର, (ଡି.ଏନ୍.ଏ)-କରୋନାର ମୁକାବିଲା ଲାଗି ଜନଗହଳି ରୋକିବା ସକାଶେ ରାଇରଙ୍ଗପୁର ପ୍ରଶାସନ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଚଳିତ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ସହରାଞ୍ଚଳ ସମେତ ବିଭିନ୍ନ ପ୍ରାନ୍ତରେ ଗୋଟିଏ ସ୍ଥାନରେ ୫ ଜଣରୁ ଅଧିକ ବ୍ୟକ୍ତି ଏକତ୍ରୀତ ହେବା କିମ୍ବା ସଭା, ସମିତି ଆୟୋଜନକୁ ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି। ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି। ରାଇରଙ୍ଗପୁର ସହରାଞ୍ଚଳ ସମେତ ଆଖପାଖ ଅଞ୍ଚଳର ହାଟ ଓ ବଜାରରେ ରୁଣ୍ଡ ହେଉଥିବା ଲୋକମାନଙ୍କୁ ପୋଲିସ ଘଉଡ଼ାଇ ଦେଉଥିବା ଦେଖିବାକୁ ମିଳିଛି।

### ଥାନାରୁ ବାହାରିଲା ଶୋଭାଯାତ୍ରା

ଉଦଳା,(ଡି.ଏନ୍.ଏ.): ସାରା ଦେଶରେ ଏବେ କରୋନା ଭୟ । ଓଡ଼ିଶା ସରକାର ଏହାର ମୁକାବିଲା ନେଇ ଅନେକ ସତର୍କତା ଅବଲମ୍ବନ କରିଛନ୍ତି । ମୟୂରଭଞ୍ଜ ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଉଦଳା ଥାନା ପକ୍ଷରୁ କରୋନା ସଚେତନତା ନେଇ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା । ବୁଧବାର ପୂର୍ବାହ୍ନ ୧୦ଟା ସମୟରେ ସ୍ଥାନୀୟ ଥାନା ପରିସରରୁ ଆଇଆଇସି ରୀନା ବେହେରାଙ୍କ ସମେତ ପୋଲିସ୍ ବିଭାଗ କର୍ମଚାରୀ ଏକ ବାଇକ ଶୋଭାଯାତ୍ରାରେ ବଜାର ପରିକ୍ରମା କରିଥିଲେ। ଏହା ସହିତ କରୋନା ନେଇ କ'ଣ କ'ଣ ସତର୍କତା ଗ୍ରହଣ କରାଯିବ ସେ ନେଇ ମାଇକ୍ ଜରିଆରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଶୋଭାଯାତ୍ରା ଉଦଳା ବଜାର ପରିକ୍ରମା କରିବା ସହିତ ସ୍ଥାନୀୟ ବସଷ୍ଟାଣ୍ଡ, ହାଇସ୍କୁଲ ଛକ ଏବଂ ଏନଏସି ଅଧୀନ ବିଭିନ୍ନ ୱାର୍ଡ ବୁଲିଥିଲା । ତେବେ କରୋନାକୁ ନେଇ ଭୟଭୀତ ନ ହୋଇ ସଚେତନ ହେବା ନିମନ୍ତେ ଉଦଳା ଥାନା ଅଧିକାରିଣୀ କହିଛନ୍ତି ।




ଉଦଳା ପୋଲିସ ପକ୍ଷରୁ ଆୟୋଜିତ ସଚେତନତା ଶୋଭାଯାତ୍ରା।

### ଭୟଭୀତ ହୁଅନ୍ତୁ ନାହିଁ

କୁଆମରା,(ଡ଼ି.ଏନ୍.ଏ.)- କରୋନା ମୁକାବିଲା ନେଇ ବ୍ଲକ ସ୍ତରରେ ବିଡିଓ ରବିନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ଲୋକ ପ୍ରତିନିଧିମାନଙ୍କୁ ନେଇ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି। ନିଜେ ସୁରକ୍ଷିତ ରହିବା ସହ ଲୋକମାନଙ୍କୁ ଅଧିକ ସଚେତନ କରିବା ଦିଗରେ ପଞ୍ଚାୟତର ବଡ ଭୂମିକା ରହିଛି ବୋଲି ବିଡିଓ କହିଥିଲେ। ତେବେ ଭୟଭୀତ ହେବାର କାରଣ ନାହିଁ ମୁକାବିଲା ପାଇଁ ବ୍ଲକ ପ୍ରଶାସନ ପ୍ରସ୍ତୁତ ଅଛି ବୋଲି ବିଡିଓ କହିଛନ୍ତି। ଏଥିରେ ୧୩ଟି ପଞ୍ଚାୟତର ସମସ୍ତ ସରପଞ୍ଚ, ସମିତି ସଭ୍ୟ, ୱାର୍ଡମେମ୍ବର ତଥା ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।

### ସଚେତନତା ହିଁ ସୁରକ୍ଷା

ବଡ଼ସାହି,(ସ୍ୱ.ପ୍ର)-ବଡ଼ସାହି ବ୍ଲକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କରୋନା ସଂକ୍ରମଣର ପ୍ରତିରୋଧ ପାଇଁ 'ସଚେତନତା ହିଁ ସୁରକ୍ଷା' ବାର୍ତ୍ତା ବାଣ୍ଟିଛନ୍ତି। ବଜାରରେ ଥିବା ସମସ୍ତ ଜଳଖିଆ, ଚା' ଓ ଫାଷ୍ଟଫୁଡ ଦୋକାନ ବୁଲି ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି । ହୋଟେଲଗୁଡିକରେ ସାବୁନ ଓ ହ୍ୟାଣ୍ଡ ୱାସ ବ୍ୟବହାର କରିବା ସହିତ ପରିଷ୍କାର ପରିଚ୍ଛନ୍ନତା, କାଚ ଗ୍ଲାସ ବଦଳରେ କାଗଜ କପ ଓ ଗ୍ଲାସ ବ୍ୟବହାର କରିବା ସହିତ ଅଞ୍ଚଳବାସୀଙ୍କୁ ସଚେତନ କରିବାକୁ କହିଥିଲେ । ସଂଘର କର୍ମକର୍ତ୍ତା ରଣଜିତ ଦାସ, ବସନ୍ତ କୁମାର ମହାପାତ୍ର, ରାଜେନ୍ଦ୍ର ଜେନା, ଅନନ୍ତ ଶତପଥି, ପୂର୍ଣ୍ଣଚନ୍ଦ୍ର ସିଂ, ଯୋଗେଶ୍ୱର ମିଶ୍ର, ସନ୍ତୋଷ ବେହେରାଙ୍କ ସମେତ ବହୁ କର୍ମକର୍ତ୍ତା ଏଥିରେ ସାମିଲ ଥିଲେ ।

### ପୋଲିସର ପଦଯାତ୍ରା

ରାଇରଙ୍ଗପୁର, (ଡି.ଏନ୍.ଏ)-ମୟୂରଭଞ୍ଜ ଜିଲା ଗୋରୁମହିଷାଣି ଥାନା ପୋଲିସ ପକ୍ଷରୁ ବୁଧବାର କରୋନା ଭାଇରସର ମୁକାବିଲା ସକାଶେ ଜନସଚେତନତା ପଦଯାତ୍ରା କରାଯାଇଥିଲା। ଥାନା ଅଧିକାରୀ ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ସମାଜସେବୀ ଲକ୍ଷ୍ମଣ ଟୁଡୁ, କୁଶ ମୁଦୁଲି, କୁରେଇଶିଳା ସରପଞ୍ଚ ରାମଚନ୍ଦ୍ର ନାଏକ ଏବଂ ଗୋରୁମହିଷାଣୀ ଲୁହାଖଣିର ପ୍ରବନ୍ଧକ ବିକାଶ ରଞ୍ଜନ ନାୟକଙ୍କ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା, ବୁଦ୍ଧିଜୀବୀ ଏଥିରେ ସାମିଲ ଥିଲେ।